


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୦ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 10 JUNE 2023
Vol.No. 34 ■ No. 153 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରୋହିତ ପୂଜାରୀ ମନ୍ତ୍ରିମଣ୍ଡଳରୁ ବିଦା: ଅତନୁଙ୍କୁ ଉଚ୍ଚଶିକ୍ଷା ଦାୟିତ୍ୱ



ଭୁବନେଶ୍ୱର, ୯/୦୬ (ନି.ପ୍ର): ମାତ୍ର ୧୨ମାସ ପୂର୍ବରୁ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିବା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ଆଜି ମନ୍ତ୍ରୀ ପଦ ହରାଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁପାରିଶ ଆଧାରରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦେଇଛନ୍ତି । ଶ୍ରୀ ପୂଜାରୀଙ୍କ ସ୍ଥାନରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ଗତ ଦୁଇଦିନ ପୂର୍ବରୁ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ବ୍ୟକ୍ତିଗତ ସଚିବ ତଥା ବରିଷ୍ଠ ଓଏଏସ୍ ସୁଧାକର ନାଏକଙ୍କୁ ସରକାର ପ୍ରତ୍ୟାହାର କରିନେଇଥିଲେ । ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ମନ୍ତ୍ରିମଣ୍ଡଳରୁ ଶ୍ରୀ ପୂଜାରୀଙ୍କୁ ବାଦ୍ ଦେବା ପାଇଁ କରିଥିବା ସୁପାରିଶକୁ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଇତିମଧ୍ୟରେ ଅନୁମୋଦନ କରିବା ସହ ଖାଦ୍ୟଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ବିଭାଗର ବାର୍ଷିକ ପ୍ରଦର୍ଶନ ଆଧାରରେ ରୋହିତ ପୂଜାରୀଙ୍କ ନେତୃତ୍ୱାଧୀନ ଉଚ୍ଚଶିକ୍ଷା ବିଭାଗର ପ୍ରଦର୍ଶନ ସବୁଠୁ ଖରାପ ଥିବାରୁ ତାଙ୍କୁ ମନ୍ତ୍ରୀ ପଦ ହରାଇବାକୁ ପଡ଼ିଛି ବୋଲି କୁହାଯାଉଛି । ମାତ୍ର ଶ୍ରୀ ପୂଜାରୀ ପ୍ରଥମଥର ପାଇଁ ନବୀନଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ ଓ ଗତବର୍ଷ ଜୁନ୍ ୫ତାରିଖରେ ବିଭାଗର ଦାୟିତ୍ୱ ନେଇଥିଲେ । ଆଉ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ତାଙ୍କ ବିଭାଗର ସମୀକ୍ଷା ଚଳିତବର୍ଷ ମେ' ୨୫ତାରିଖରେ କରିବା ସମୟରେ ଉଚ୍ଚଶିକ୍ଷା ବିଭାଗର କାର୍ଯ୍ୟକୁ ପ୍ରଶଂସା କରିଥିଲେ । କିନ୍ତୁ ଅଚାନକ ଶ୍ରୀ ପୂଜାରୀଙ୍କୁ ବାଦ୍ ଦେବା ପାଇଁ ବିଭାଗର କାର୍ଯ୍ୟର ପ୍ରଦର୍ଶନର ଆଳ ଦିଆଯିବାକୁ ନେଇ ପାୱାର କରିଡରରେ ଚର୍ଚ୍ଚା ଆରମ୍ଭ ହୋଇଛି । ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ମେ' ୨୮ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ ସମ୍ବଲପୁର ଗସ୍ତରେ ଯାଇ ଫେରିବା ପରେ ହିଁ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦେବା ନିଷ୍ପତ୍ତି ନିଆଯାଇ ସାରିଥିଲା । ଭୁବନେଶ୍ୱରରୁ ସିଙ୍ଗାପୁରକୁ ସିଧାସଳଖ ବିମାନ ଚଳାଚଳ ଶୁଭାରମ୍ଭ ଓ ସେଠାରେ ଓଡ଼ିଶା ଦିବସ ପାଳନ କାର୍ଯ୍ୟକ୍ରମରେ ଶ୍ରୀ ପୂଜାରୀ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ପକ୍ଷରୁ ▶▶ପୃଷ୍ଠା ୭

### ମନ୍ତ୍ରୀଙ୍କ ପରେ ହଟିଲେ ସଚିବ ବିଷ୍ଣୁ ସେଠୀ
### ଅରବିନ୍ଦ ଅଗ୍ରୱାଲ ନୂଆ ଉଚ୍ଚଶିକ୍ଷା ସଚିବ



ଭୁବନେଶ୍ୱର, ୯/୦୬ (ନି.ପ୍ର): ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପରେ ବିଭାଗୀୟ ସଚିବଙ୍କୁ ମଧ୍ୟ ତାଙ୍କ ପଦବୀରୁ ହଟାଯାଇଛି । ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀଙ୍କୁ ବଦଳି କରି ସାଧାରଣ ପ୍ରଶାସନ ବିଭାଗର ଓଏସ୍‌ଡି ଦାୟିତ୍ୱ ଦିଆଯାଇଛି । ଏହାସହ ଓଡିଶା ହାଇଡ୍ରୋ ପାୱାର କର୍ପୋରେସନ୍ (ଓଏଚପିସି) ଅଧ୍ୟକ୍ଷ ପଦରୁ ମଧ୍ୟ ବିଷ୍ଣୁପଦଙ୍କୁ ହଟାଯାଇଛି । ବିଷ୍ଣୁଙ୍କ ସ୍ଥାନରେ ଆଇଏଏସ୍ ଅରବିନ୍ଦ ଅଗ୍ରୱାଲଙ୍କୁ ଉଚ୍ଚଶିକ୍ଷା ବିଭାଗ ସଚିବ ଦାୟିତ୍ୱ ଦିଆଯାଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ବର୍ତ୍ତମାନ ସାମାଜିକ ସୁରକ୍ଷା, ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶକ, ତଥା ଗ୍ରାମ୍ୟ ଉନ୍ନୟନ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲଙ୍କୁ ଉଚ୍ଚଶିକ୍ଷା ବିଭାଗ ସଚିବ ଭାବେ ବଦଳି କରାଯାଇଛି । ତେବେ ଗ୍ରାମ୍ୟ ଉନ୍ନୟନ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ । ସେହିପରି ଅର୍ଥ ସଚିବ ବିଶାଳ କୁମାର ଦେବଙ୍କୁ ଓଏଚପିସି ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ।

## ୬ ଜିଲ୍ଲାକୁ ହିଟ୍ ୱେଭ୍ ୱାର୍ଣ୍ଣିଂ



ଭୁବନେଶ୍ୱର, ୯/୦୬ (ନି.ପ୍ର): ସମଗ୍ର ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ । କିଛି ଜିଲ୍ଲାରେ ଅସହ୍ୟ ଗରମ ଓ ଗୁଳୁଗୁଳି ନେଇ ହିଟ୍ ୱେଭ୍ ୱାର୍ଣ୍ଣିଂ କରିଛି ଆଂଚଳିକ ପାଣିପାଗ କେନ୍ଦ୍ର । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୨୪ ଘଂଟା ମଧ୍ୟରେ ସମ୍ବଲପୁର, ବରଗଡ଼, ସୋନପୁର , ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ହିଟ୍ ୱେଭ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟ ମଧ୍ୟରେ ମୟୁରଭଂଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, ଗଜପତି, ଗଂଜାମ , କନ୍ଧମାଳ, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, କେନ୍ଦୁଝର, ରାୟଗଡା ଓ କୋରାପୁଟ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି । ▶▶ପୃଷ୍ଠା ୭

## ବେଆଇନ କୋଇଲା ଖନନ ବେଳେ ଅଘଟଣ: ଛୋଟ ପିଲା ସହ ୩ ମୃତ



ଝାରଖଣ୍ଡ, ୯/୦୬ (ନି.ପ୍ର): ଝାରଖଣ୍ଡର ଧାନବାଦରେ ଘଟିଛି ଅଘଟଣ । ଏଠାରେ ଥିବା ଗୋଟିଏ ଖଣିରେ ବେଆଇନ ଖନନ ବେଳେ ଏହା ଭୁଶୁଡ଼ି ପଡ଼ିଛି । ଫଳରେ ମାଟି ଓ ପଥର ଅତଡ଼ା ତଳେ ଚାପି ହୋଇ ୩ ଜଣଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ଜଣେ ଛୋଟ ପିଲା ରହିଛି । ସେହିପରି ଖନନ କାମରେ ନିୟୋଜିତ ହୋଇଥିବା ଅନେକ ଲୋକ ମାଟି ଓ ପଥର ତଳେ ଚାପି ହୋଇ ରହିଥିବା ମଧ ଆଶାଙ୍କା କରାଯାଉଛି । ଏଥିପାଇଁ ଉଦ୍ଧାର କାର୍ଯ୍ୟ ଜାରି ରଖାଯାଇଛି । ଭାରତ କୁକିଂ କୋଲ ଲିଃ ଅଧୀନରେ ଥିବା ଭୋୱ୍ରା କୋଲେରୀ ଅଞ୍ଚଳରେ ଏହା ଘଟିଛି । ଏହି ଖଣି ଖାଦାନକୁ ବନ୍ଦ ଘୋଷଣା କରାଯାଇଥିଲା । ଏଠାରେ ଖନନ ପାଇଁ ମଧ ଅନୁମତି ନଥିଲା । ତଥାପି ଏଠାରେ ବେଆଇନ ଖନନ ଚାଲିଥିଲା । ଆଜି ଖନନ ଚାଲିଥିବା ବେଳେ ହଠାତ୍ ଏହା ଭୁଶୁଡ଼ି ପଡ଼ିଥିଲା । ସ୍ଥାନୀୟ ଲୋକମାନେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ▶▶ପୃଷ୍ଠା ୭

### ଲଦାଖରେ ଭୂକମ୍ପର ଝଟକା : ତୀବ୍ରତା ୩.୯

ଲେହ, ୯/୦୬ (ନି.ପ୍ର): କେନ୍ଦ୍ରଶାସିତ ଅଂଚଳ ଲଦାଖରେ ଶୁକ୍ରବାର ସକାଳେ ଭୂକମ୍ପର ଝଟକା ଅନୁଭୂତ ହୋଇଛି । ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୩.୯ ରହିଛି । ଏହି ଭୂକମ୍ପର ତୀବ୍ରତା କମ୍ ଥିବାରୁ କ୍ଷୟକ୍ଷତି ସଂକ୍ରାନ୍ତୀୟ କୌଣସି ସୂଚନା ମିଳିନାହିଁ । ରାଷ୍ଟ୍ରୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର (ଏନସିଏସ) ଅନୁସାରେ, ଶୁକ୍ରବାର ସକାଳେ କେନ୍ଦ୍ରଶାସିତ ଅଂଚଳ ଲଦାଖରେ ୩.୯ ତୀବ୍ରତାର ଭୂକମ୍ପ ଆସିଥିଲା । ଭୂକମ୍ପର ଏହି ଝଟକା ପୂର୍ବାହ୍ନ ୧୦ଟା ୨୩ ମିନିଟ୍ ସମୟରେ ଅନୁଭୂତ ହୋଇଥିଲା । ଭୂକମ୍ପର ଗଭୀରତା ଭୂପୃଷ୍ଠରୁ ୧୦ କି.ମି. ତଳେ ରହିଥିଲା । ଅଦ୍ୟାବଧି ଭୂକମ୍ପ କ୍ଷୟକ୍ଷତି ସମ୍ପର୍କରେ କୌଣସି ସୂଚନା ମିଳିନାହିଁ ।

## ୨୫୦ କୋଟି ଟଙ୍କା ଖଣି ଦୁର୍ନୀତିର ପର୍ଦ୍ଦାଫାସ କଲା ଇଡି: ଏକାଧିକ ରାଜ୍ୟର ୨୭ଟି ସ୍ଥାନରେ ଚଢ଼ାଉ




ନୂଆଦିଲ୍ଲୀ, ୯/୦୬ (ନି.ପ୍ର): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବିହାରରେ ଦୁଇଟି ଘରୋଇ କମ୍ପାନି ସହ ଜଡ଼ିତ ୨୫୦ କୋଟି ଟଙ୍କାର ବେଆଇନ ଖଣି ଦୁର୍ନୀତିର ପର୍ଦ୍ଦାଫାସ କରିଛି । ଜାତୀୟ ଏଜେନ୍ସି ଇଡି ଏକିଧିକ ରାଜ୍ୟର ୨୭ଟି ସ୍ଥାନରେ ଚଢ଼ଉ କରି ନଗଦ ଦେଢ଼ କୋଟି ଟଙ୍କା ଓ ୧୧ କୋଟି ଟଙ୍କାର ସମ୍ପତ୍ତି କାଗଜପତ୍ର ଜବତ କରିଛି । ହସ୍ତଗତ ରିପୋର୍ଟରୁ ପ୍ରକାଶ, ବିହାରର ପାଟନାସ୍ଥିତ ବ୍ରଡସନ୍ କମୋଡିଟିଜ୍ ପ୍ରାଇଭେଟ୍ ଲିମିଟେଡ୍, ଆଦିତ୍ୟ ମଲ୍ଟିକମ୍ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଘରେ ଚଢ଼ାଉ କରାଯାଇଥିଲା । ଧନବାଦ, ଝାଡ଼ଖଣ୍ଡର ହଜାରୀବାଗ ଓ କୋଲକାତାରେ ମଧ ଚଢ଼ାଉ କରିଛି ତଦନ୍ତକାରୀ ସଂସ୍ଥା ଇଡି । ଚଢ଼ାଉ ସମୟରେ ଅଧିକାରୀମାନେ ୬ କୋଟି ଟଙ୍କାର ସ୍ଥାୟୀ ବ୍ୟାଙ୍କ ଜମା (ଫିକ୍ସଡ୍ ଡିପୋଜିଟ୍) ଜବତ କରିବା ସହ ୬୦ଟି ବ୍ୟାଙ୍କ ଆକାଉଣ୍ଟକୁ ଅଚଳ (ଫ୍ରିଜ୍) କରିଛନ୍ତି । କମ୍ପାନି ଏବଂ ଏହାର ନିର୍ଦ୍ଦେଶକଙ୍କ ବିରୋଧରେ ବିହାର ପୁଲିସ ଦ୍ୱାରା ରୁଜୁ ହୋଇଥିବା ବିଭିନ୍ନ ଏଫଆଇଆର ଆଧାରରେ ଇଡି ଏହି ତଦନ୍ତ ଆରମ୍ଭ କରିଥିଲା । ବେଆଇନ ବାଲି ଖନନ ଏବଂ ବିହାର ଖଣି କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ହୋଇଥିବା ବିଭାଗୀୟ ପ୍ରି-ପେଡ୍ ପରିବହନ, ▶▶ପୃଷ୍ଠା ୭

## 'ହ୍ୱାଟସଆପ୍'ରେ ଶରଦ ପାୱାରଙ୍କୁ ଧମକ: ଗୃହମନ୍ତ୍ରାଳୟ ହସ୍ତକ୍ଷେପ ଲୋଡ଼ିଲେ ସୁପ୍ରିୟା ସୁଲେ



ନୂଆଦିଲ୍ଲୀ,୯/୦୬ : ତାଙ୍କ ହ୍ୱାଟସ୍ଆପ୍‌ରେ ବାପା ଶରଦ ପାୱାରଙ୍କ ପ୍ରତି ଧମକ ବାର୍ତ୍ତା ପାଇଥିବା କହି ଗୁରୁବାର ଦିନ 'ନ୍ୟାସ୍‌ନାଲିଷ୍ଟ କଂଗ୍ରେସ ପାର୍ଟି' (ଏନ୍‌ସିପି) ସାଂସଦ ସୁପ୍ରିୟା ସୁଲେ ମହାରାଷ୍ଟ୍ର ସରକାର ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ସୁପ୍ରିୟା ସୁଲେ କହିଛନ୍ତି, ଗୋଟାଏ ୱେବ୍‌ସାଇଟ୍ ମାଧ୍ୟମରେ ଶରଦ ପାୱାରଙ୍କୁ ଧମକ ଦିଆଯାଇଛି । ଏହାର ବିଚାର ପାଇଁ ସେ ଥାନାକୁ ଆସିଛନ୍ତି । ସୁଲେଙ୍କ କଥାରୁ ଉଦ୍ଧାର କରି ସମ୍ବାଦ ସରବରାହ ସଂସ୍ଥାନ 'ଏଏନ୍‌ଆଇ' କହିଛି, ପାୱାର ସାହେବଙ୍କ ନାଁରେ ମୁଁ ହ୍ୱାଟସ୍ଆପ୍‌ରେ ଗୋଟାଏ ମେସେଜ୍ ପାଇଛି । ତାଙ୍କୁ ଗୋଟାଏ ୱେବ୍‌ସାଇଟ୍ ଜରିଆରେ ଧମକ ଦିଆଯାଇଛି । ତେଣୁ, ଏହାର ବିଚାର କରିବା ଲାଗି ମୁଁ ପୁଲିସ ପାଖକୁ ଆସିଛି । ମୁଁ ମହାରାଷ୍ଟ୍ର ଗୃହମନ୍ତ୍ରୀ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ବି ଅନୁରୋଧ କରୁଛି । ଏଭଳି କାର୍ଯ୍ୟ ନିମ୍ନସ୍ତରର ରାଜନୀତି । ଏହାକୁ ବନ୍ଦ କରାଯିବା ଉଚିତ । ସେ ଆହୁରି ମଧ କହିଛନ୍ତି, ପାୱାର ସାହେବଙ୍କ ନିରାପତ୍ତା ଗୃହମନ୍ତ୍ରାଳୟ ଉପରେ ନ୍ୟସ୍ତ । ଗୃହମନ୍ତ୍ରୀ ହସ୍ତକ୍ଷେପ କରିବା ଉଚିତ । ଶରଦ ପାୱାର ହେଉଛନ୍ତି ଦେଶର ନେତା । 'ଏନ୍‌ସିପି' ମୁଖ୍ୟ ଧମକ ପାଇଥିବା କଥା ମୁଁ ପୁଲିସକୁ କହିଛି । କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ପୁଲିସ କହିଛି ।

## ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ବାହନାଗା ହାଇସ୍କୁଲର ନବୀକରଣ କରାଯିବ
### ୧୫ ଦିନ ମଧ୍ୟରେ ଯୋଜନା ପ୍ରସ୍ତୁତ କରି ରିପୋର୍ଟ ଦେବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ



ଭୁବନେଶ୍ୱର, ୯/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାହନଗା ହାଇସ୍କୁଲ ତଥା ସ୍କୁଲ ପରିସରରେ ଥିବା ପ୍ରାଥମିକ ଓ ଏଲିମେଂଟାରି ସ୍କୁଲ ଗୃହ ୫- ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ନବୀକରଣ କରାଯିବ । ସ୍କୁଲ ପରିସରର ପୁନଃନିର୍ମାଣ କରି ଏହାକୁ ଆଦର୍ଶ ସ୍କୁଲ ଭାବରେ ଗଢିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଗତ ୨ ତାରିଖରେ ବାହନଗା ରେଳ ଷ୍ଟେସନ ଠାରେ ସଂଘଠିତ ଭୟାବହ ରେଳ ଦୁର୍ଘଟଣା ପରବର୍ତୀ ସମୟରେ ସ୍ଥାନୀୟ ଅଂଚଳର ଜନସାଧାରଣ ଓ ଶିକ୍ଷକ ଶିକ୍ଷୟତ୍ରୀ ଉଦ୍ଧାର ଓ ସେବା କାର୍ଯ୍ୟରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ତେଣୁ ଏହି ଭଳି ମହତ କାର୍ଯ୍ୟରେ ସେମାନଙ୍କ ଯୋଗଦାନକୁ ଉତ୍ସାହିତ କରିବା ପାଇଁ ସେ ଅଂଚଳର ଏହି ପ୍ରମୁଖ ଶିକ୍ଷା ଅନୁଷ୍ଠାନକୁ ୫- ଟି କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ମୁଖ୍ୟମନ୍ତ୍ରୀଙ୍କ ୫- ଟି ସଚିବ ଭି.କେ. ପାଣ୍ଡିଆନ, ସ୍କୁଲ ଗଣଶିକ୍ଷା ସଚିବ ଏସ୍. ଅଶ୍ୱସ୍ତି ଭିଡିଓ କନ୍‌ଫେରେନ୍ସ ଯୋଗେ ବାଲେଶ୍ୱର ଜିଲ୍ଲାପାଳ, ସ୍କୁଲ ପରିଚାଳନା କମିଟିର ସଦସ୍ୟବୃନ୍ଦ, ପଂଚାୟତ ପ୍ରତିନିଧି, ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ । ସ୍କୁଲର ୨ଜଣ ଛାତ୍ରଛାତ୍ରୀ ଅଷ୍ଟମ ଶ୍ରେଣୀର ପ୍ରିୟଙ୍କା ବେହେରା ଓ ଷଷ୍ଠ ଶ୍ରେଣୀର ସୁମନ ସାହୁ ସ୍କୁଲର ବିକାଶ ବିଷୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସହ ମତ ବିନିମୟ କରିଥିଲେ ଓ ସ୍କୁଲର ବିକାଶ ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ । ପିଲାମାନଙ୍କର ମତାମତ ତଥା ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍କୁଲର ବିକାଶ ଯଥା କଂକ୍ରିଟ ଛାତ, ଶ୍ରେଣୀ ଗୃହ, ଖେଳ ପଡିଆ, ପାଚେରୀ ଆଦି ସୁବିଧା ସୁଯୋଗର ବିକାଶ ପାଇଁ ନିଷ୍ପତି କରାଯାଇଥିଲା । ଏ ସଂକ୍ରାନ୍ତରେ ୧୫ ଦିନ ମଧ୍ୟରେ ବିସ୍ତୃତ ଯୋଜନା ପ୍ରସ୍ତୁତି କରି ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

### ରାୟପୁର ପିଏନବି କମ୍ପ୍ଲେକ୍ସରେ ଭୀଷଣ ନିଆଁ

ରାୟପୁର, ୯/୦୬ : ଛତିଶଗଡ଼ର ରାଜଧାନୀ ରାୟପୁରର ମୋତିବାଗ ବଞ୍ଜାରୀ ଚୌକ ସ୍ଥିତ ଲାଲଗଙ୍ଗା ସିଟି ମାର୍ଟ ର ପିଏନବି କମ୍ପ୍ଲେକ୍ସରେ ଘଟିଛି ଅଗ୍ନିକାଣ୍ଡ । ଫଳରେ ଏଠାରେ ଥିବା ରେକର୍ଡ଼ ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଛି । କିପରି ଓ କେଉଁ ପରିସ୍ଥିତିରେ ଏଠାରେ ନିଆଁ ଲାଗିଲା ତାହା ଅଦ୍ୟାବଧି ଅସ୍ପଷ୍ଟ ରହିଛି । ଏଟିଏମ୍ ସହିତ ୬ରୁ ୭ଟି ଦୋକାନକୁ ନିଆଁ ଧରିଥିଲା । ବାହାରେ ଥିବା କେତେକ ଗାଡ଼ି ମଧ ଜଳିପୋଡି ଛାରଖାର୍ ହୋଇଯାଇଛି ।

## ଜ୍ୱରରେ ଆକ୍ରାନ୍ତ ମହାପ୍ରଭୁ: ମାଲିସି ପାଇଁ ଆସିଲା ଫୁଲୁରି ତେଲ

ପୁରୀ, ୯/୦୬ (ନି.ପ୍ର): ଅଣସର ପିଣ୍ଡିରେ ଅଛନ୍ତି ମହାପ୍ରଭୁ । ଜ୍ୱରରେ ଆକ୍ରାନ୍ତ ହୋଇଥିବା ଶ୍ରୀଜୀଉମାନଙ୍କୁ ଆଜି ଲାଗି ହେବ ଫୁଲୁରି ତେଲ । ଯାହା ଶ୍ରୀଅଙ୍ଗରେ ମାଲିସ ହେବା ପରେ ଚତୁର୍ଦ୍ଧାମୂରତି ଉପଶମ ଅନୁଭବ କରିବେ । ବିଭିନ୍ନ ଔଷଧୀୟ ସାମଗ୍ରୀରେ ପ୍ରସ୍ତୁତ ଫୁଲୁରି ତେଲକୁ ବଡ଼ ଓଡିଆ ମଠ ପକ୍ଷରୁ ଠାକୁରଙ୍କ ସେବାରେ ଯୋଗାଇ ଦିଆଯାଇଛି । ଘଣାପେଡ଼ା ରାଶି ତେଲରେ ୧୪ ପ୍ରକାର ଫୁଲ, ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ପଡ଼ି ତିଆରି ହୋଇଛି ଫୁଲୁରି ତେଲ । ଯାହାକି ବର୍ଷକ ତଳୁ, ଅର୍ଥାତ୍ ଗତ ହେରାପଞ୍ଚମୀ ତିଥିରୁ ମାଟିତଳେ ପୋତା ହୋଇ ରହିଥାଏ । ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ଏହାକୁ ମାଟିତଳୁ ବାହାର କରାଯାଏ । ପଞ୍ଚମୀ ଦିନ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଏ । ବଡ଼ ଓଡ଼ିଆ ମଠ ପକ୍ଷରୁ ପ୍ରତିବର୍ଷ ଫୁଲୁରି ତେଲ ଶ୍ରୀମନ୍ଦିରକୁ ଯୋଗାଇ ଦିଆଯାଉଛି । ପତି ମହାପାତ୍ର ସେବକ ୩ଟି ରୁପା ପିଙ୍ଗଣରେ ଫୁଲୁରି ତେଲ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଇଥାନ୍ତି ।

## ରଘୁନାଥ ନଗରରେ ଚୋରି

ବଲାଙ୍ଗିର, ୦୯/୦୬ (ନି.ପ୍ର): ବଲାଙ୍ଗିର ଜିଲାର ବିଭିନ୍ନ ଅଂଚଳରେ ଚୋର ମାନଙ୍କ ଉତ୍ପାତ ଦିନକୁ ଦିନ ବଢିବାରେ ଲାଗିଛି । ଗତକାଲି ରାତିରେ ଲାଲ୍ଟିକ୍ରା ଇରିଗେସନ୍ କଲୋନୀ ପଛପଟେ ଥିବା ରଘୁନାଥ ନଗରରେ ଚୋରି ହେଇଥିବା ଜଣାପଡ଼ିଛି । ଏଠାରେ ରହୁଥିବା ବାସିନ୍ଦା ତ୍ରିବିକ୍ରମ ଶବରଙ୍କ ଘରୁ ଚୋରମାନେ ଏଲ୍ଇଡ଼ି ଟିଭି, ସୁନା, ରୂପା ଓ ନଗଦ ଟଙ୍କା ଚୋରି କରି ନେଇଯିବା ସହ ଘରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଭାଙ୍ଗି ହାର୍ଡଡିସ୍କ ବି ନେଇ ଯାଇଛନ୍ତି ବୋଲି ଆଜି ବଲାଙ୍ଗିର ଟାଉନ୍ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତି କରି ବଲାଙ୍ଗିର ଟାଉନ ପୁଲିସ ଘଟଣାସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ, ତ୍ରିବିକ୍ରମ ଶବର ନିଜ ପରିବାର ସହ ତାଙ୍କ ଗାଁକୁ ଯାଇଛନ୍ତି । ତାଙ୍କ ଶଳା ମହେଶ ଗହୀର ତାଙ୍କ ଘରକୁ ସବୁଦିନେ ରାତିରେ ଶୋଇବାକୁ ଆସୁଥିବା ବେଳେ ଗତକାଲି ସନ୍ଧ୍ୟା ସମୟରେ ଘରେ ଏକ ସାପ ବାହାରିବାରୁ ଗତ ରାତିରେ ସେ ଜାଗାକୁ ଶୋଇବାକୁ ଯାଇ ନଥିଲେ । ଏହାର ସୁଯୋଗ ନେଇ ଚୋର ମାନେ ତାଙ୍କ ଉତ୍ପାତ ଦେଖେଇଛନ୍ତି ଓ ଘରର ତାଲା ଭାଙ୍ଗି ଘରୁ ଗୋଟିଏ ଏଲଇଡ଼ି ଟିଭି, ସୁନା, ରୂପା ଓ ନଗଦ ୫ ହଜାର ଟଙ୍କା ନେଇ ଫେରାର୍ ହୋଇଯାଇଛନ୍ତି । ଖାଲି ଏତିକି ନୁହେଁ, ସେ ଜାଗାରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଭାଙ୍ଗି ଦେଇ ହାର୍ଡଡିସ୍କ ବି ନେଇ ଯାଇଛନ୍ତି ଚୋରମାନେ ।

# ବୌଦ୍ଧ, ବଲାଙ୍ଗୀରରେ ୪ଟି ଇଥାନଲ୍ କାରଖାନା



ଭୁବନେଶ୍ୱର, ୦୯/୦୬ (ନି.ପ୍ର): ବୌଦ୍ଧ ଓ ବଲାଙ୍ଗୀର ଜିଲ୍ଲାରେ ସ୍ଥାପନ ହେବ ଚାରିଟି ଇଥାନଲ୍ କାରଖାନା । ସୋନପୁରରେ ଶାଢ଼ି ଉତ୍ପାଦନ ଲାଗି ମଧ୍ୟ ଏକ କାରଖାନା ସ୍ଥାପନ କରାଯିବ । ସେହି କାରଖାନାରେ ୧,୮୦,୦୦୦ ଶାଢ଼ି ତିଆରି କରାଯିବ । ବଲାଙ୍ଗୀରରେ ଦୁଇଟି ଏଗ୍ରୋ ପ୍ରୋସେସିଂ ପ୍ଲାଣ୍ଟ୍ ସ୍ଥାପନ କରାଯିବ । ଆଜି ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କର୍ତ୍ତୃପକ୍ଷ ଏହି ପ୍ରକଳ୍ପଗୁଡ଼ିକୁ ଅନୁମୋଦିତ କରିଛନ୍ତି । ଆଜି ମୋଟ ୧୮ଟି ପ୍ରକଳ୍ପକୁ ମଞ୍ଜୁର କରାଯାଇଥିବା ବେଳେ ଇଣ୍ଡିଆନ୍ ଅଏଲ୍ ଓ ତୋଷାଳି ସିମେଣ୍ଟର ପ୍ରକଳ୍ପକୁ ଉଚ୍ଚ ସ୍ତରୀୟ ମଞ୍ଜୁରି କର୍ତ୍ତୃପକ୍ଷଙ୍କ ବିଚାର ପାଇଁ ପଠାଯାଇଛି । ସିଙ୍ଗଲ୍ ୱିଣ୍ଡୋରେ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକରେ ୩,୪୫୭ କୋଟି ଟଙ୍କା ନିବେଶ ହେବ । ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ୧୪,୪୩୬ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଆଜି ଅନୁମୋଦିତ ୧୮ଟି ପ୍ରକଳ୍ପରୁ ୧୦ଟି ପ୍ରସ୍ତାବ ମେକ୍ ଇନ୍ ଓଡ଼ିଶା କନ୍କ୍ଲେଭ୍ ୨୦୨୨ ସମୟରେ ଆସିଥିଲା । ମୁଖ୍ୟ ସଚିବ ପ୍ରଦୀପ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସିଙ୍ଗଲ୍ ୱିଣ୍ଡୋ କର୍ତ୍ତୃପକ୍ଷଙ୍କ ବୈଠକରେ ମଞ୍ଜୁର ହୋଇଥିବା ବିଭିନ୍ନ ପ୍ରକଳ୍ପ ଯାଜପୁର, ଖୋର୍ଦ୍ଧା, କୋରାପୁଟ, କଟକ, ସୁନ୍ଦରଗଡ଼, ଭଦ୍ରକ, ସୋନପୁର, ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାରେ ଧାତବ, ଔଷଧ, ଖାଦ୍ୟ ପ୍ରକ୍ରିୟାକରଣ, ସିମେଣ୍ଟ ?, ବୟନ, ଆଇଟି ଓ ଆଗ୍ରୋ ପ୍ରୋସେସିଂ ଆଦି କ୍ଷେତ୍ରରେ ସ୍ଥାପନ ହେବ । ଧାତବ କ୍ଷେତ୍ରର ୯ଟି ଓ ଆଗ୍ରୋ ତଥା ଫୁଡ୍ ପ୍ରୋସେସିଂ କ୍ଷେତ୍ରର ୫ଟି ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରାଯାଇଛି । ଟିୱାଇକେ ସେରାମିକ୍ ୫୭ କୋଟି ଟଙ୍କା ବିନିଯୋଗରେ ଯାଜପୁର କଳିଙ୍ଗନଗରରେ ଏକ ରିଫ୍ରାକ୍ଟରି କାରଖାନା ସ୍ଥାପନ କରିବ । କାଲ୍ ?ଡେରିସ୍ ଇଣ୍ଡିଆ ମଧ୍ୟ ୫୦୦ କୋଟଇ ଟଙ୍କା ନିବେଶରେ କଳିଙ୍ଗନଗରରେ ଏକ ରିଫ୍ରାକ୍ଟରି କାରଖାନା ବସାଇବ । ଖୋର୍ଦ୍ଧାର ମୁଣ୍ଡମ୍ୟାରେ କାଡିଲା ଫାର୍ମା ୨୦୦ କୋଟି ଟଙ୍କା ନିବେଶ କରି ଏକ ଔଷଧ ନିର୍ମାଣ କାରଖାନା ସ୍ଥାପନ କରିବ । ଖୋର୍ଦ୍ଧାର ମଳିପଡ଼ାରେ ଶ୍ରୀଜୟ ଫଏଲ୍ସ ୧୮୫ କୋଟି ଟଙ୍କା ନିବେଶ କରି ପ୍ୟାକେଜିଂ ଆଲୁମିନିୟମ୍ ଫଏଲ୍ ଉତ୍ପାଦନ କରିବ । ଆବିସ୍ ଏକ୍ସପୋର୍ଟସ୍ ଯାଜପୁରର ବଡ଼ଚଣାଠାରେ ୧୬୧.୫୭ କୋଟି ଟଙ୍କା ନିବେଶରେ ଏକ କୁକୁଡ଼ା ଦାନା ଉତ୍ପାଦନ କାରଖାନା ବସାଇବ । କଟକର ଚୌଦ୍ୱାରରେ ତୋଷାଳି ସିମେଣ୍ଟ ୫୨୫.୪୬ କୋଟି ଟଙ୍କା ଓ ସୁନ୍ଦରଗଡ଼ର କୁଆମୁଣ୍ଡାରେ ଠାକୁର ପ୍ରସାଦ ସାଓ ଆଣ୍ଡ ସନ୍ସ ୨୩୫ କୋଟି ଟଙ୍କା ନିବେଶ କରିବେ । ସୋନପୁରରେ ଅରୁନ୍ଧତୀ ବାନ୍ଧକଳ୍ପ ୫୫ କୋଟି ଟଙ୍କା ନିବେଶ କରି ଶାଢ଼ି ଉତ୍ପାଦନ କାରଖାନା ସ୍ଥାପନ କରିବ । ଓଜୋ ଏନର୍ଜି ଖୋର୍ଦ୍ଧାରେ ୨୦୧ କୋଟି ଟଙ୍କା ନିବେଶ କରି ବ୍ୟାଟେରି ପ୍ୟାକ୍ କାରଖାନା ବସାଇବ ଓ ଏସ୍ଏମ୍ଏସ୍ ଇଣ୍ଡିଆ ଖୋର୍ଦ୍ଧା କାରଖାନାର ସମ୍ପ୍ରସାରଣରେ ୧୬୦ କୋଟି ଟଙ୍କା ନିବେଶ କରିବ । ଫେରୋ ଆଲଏଜ୍ କର୍ପୋରେସନ୍ ୫୫.୫୦ କୋଟି ଟଙ୍କା ନିବେଶ କରି ଯାଜପୁର ଟମ୍କାରେ ଏକ କ୍ରୋମ୍ ପଥର ବେନିଫିକେସନ କାରଖାନା ବସାଇବ । ଇଣ୍ଡିଆନୋ ଏସ୍ପିଏଲ୍ ମଧ୍ୟ ଯାଜପୁରରେ ୫୦.୫୮ କୋଟି ଟଙ୍କା ଫେରୋ କ୍ରୋମ୍ କ୍ଷେତ୍ରରେ ନିବେଶ କରିବ । ବଲାଙ୍ଗୀରରେ ମା' ଭବାନୀ ଗ୍ରିନ୍ ?ଟେକ୍ ଓ ଶ୍ରୀଭାଷ ଆଗ୍ରୋ ଇଣ୍ଡିଆ ଇଥାନଲ୍ କାରଖାନା ବସାଇବା ଲାଗି ଯଥାକ୍ରମେ ୧୩୬.୫୦ କୋଟି ଟଙ୍କା ଓ ୧୨୫ କୋଟି ଟଙ୍କା ନିବେଶ କରିବେ । ସେହିପରି ବୌଦ୍ଧରେ ଜଷ୍ଟଡ୍ରାଇଭ୍ ଇଣ୍ଡଷ୍ଟ୍ରିଜ୍ ଓ ଭିଷ୍ଟା ସ୍ପିରିଟ୍ସ ଦୁଇଯି ଇଥାନଲ୍ କାରଖାନା ବସାଇବା ଲାଗି ଯଥାକ୍ରମେ ୧୧୭.୫୦ କୋଟି ଟଙ୍କା ଓ ୧୦୮ କୋଟି ଟଙ୍କା ଖଟାଇବେ । ରୁଦ୍ରମୁଖୀ ଇଫ୍ରାକନ୍ ସୁନ୍ଦରଗଡ଼ର ଲହୁଣିପଡ଼ାରେ ୪୯୪ କୋଟି ଟଙ୍କାରେ ଲୁହାପଥର ବେନିଫିକେସନ ଓ ପେଲେଟ୍ କାରଖାନା ସ୍ଥାପନ କରିବ । ରିଲାଏବଲ୍ ସ୍ପଞ୍ଜ୍ କଟକର ଚୌଦ୍ୱାରରେ ୬୦ କୋଟି ଟଙ୍କା ନିବେଶ କରିବ ।

# ହତ୍ୟା ମାମଲାର ନିରପେକ୍ଷ ତଦନ୍ତ ନିମନ୍ତେ କେନ୍ଦୁଗୁଡା ଗ୍ରାମବାସୀମାନଙ୍କ ଦ୍ୱାରା କୁନ୍ଦ୍ରା ପୋଲିସ୍ ଥାନା ଘେରାଉ

ଜୟପୁର, ୦୯/୦୬ (ନି.ପ୍ର): କୋରାପୁଟ ଜିଲ୍ଲା କୁନ୍ଦ୍ରା ବ୍ଲକ ଅନ୍ତର୍ଗତ କେରମେଟୀ ଗ୍ରାମପଂଚାୟତର କେନ୍ଦୁଗୁଡା ଗ୍ରାମବାସୀ ମାନେ କୁନ୍ଦ୍ରା ଥାନା ଅଧିକାରୀଙ୍କ ମନୋମୁଖୀ କାର୍ଯ୍ୟ ଓ ନିଷ୍କ୍ରିୟତା ପାଇଁ ଆଜି ଶତାଧିକ ଲୋକ ଆସି କୁନ୍ଦ୍ରା ପୋଲିସ ଥାନାକୁ ଘେରାଉ କରିଛନ୍ତି । ସୂଚନା ଥାଉକି ଗତ ୦୧/୦୫/୨୦୨୩ କୁନ୍ଦ୍ରା ଅଂଚଳର କେନ୍ଦୁଗୁଡା ଗ୍ରାମର ଧନପତି ଦୁରୁଆ ନାମକ ଏକ ଯୁବକକୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଏହି ହତ୍ୟା ମାମଲାରେ କୁନ୍ଦ୍ରା ଥାନା ଅଧିକାରୀ ତଦନ୍ତ କରି ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଗ୍ରାମବାସୀ ମାନେ କହିଛନ୍ତି । ଏବଂ ଏହି ହତ୍ୟା ମାମଲାରେ ଯେଉଁ ସହଯୋଗୀ ମାନେ ରହିଛନ୍ତି ସେମାନଙ୍କୁ ଆଜି ପର୍ଯ୍ୟନ୍ତ ଗିରଫ କରାଯାଇ ନ ଥିବା ନେଇ ଗ୍ରାମବାସୀ ମାନେ ଉତେଜିତ ହୋଇଛନ୍ତି । ଏହି ଘଟଣା ମାମଲାରେ ଗ୍ରାମବାସୀ ମାନେ ପଚାରି ବୁଝିବାକୁ ଥାନାକୁ ଆସିଥିଲେ କିନ୍ତୁ ଥାନା ଅଧିକାରୀ ଗ୍ରାମବାସୀ ମାନଙ୍କୁ ଧମକ ଚମକ୍ ଦେଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଜଣେ ଅପରାଧୀଙ୍କ ସହ ଯେପରି ବ୍ୟବହାର କରାଯାଏ ସେହିଭଳି ଆମ ଆଦିବାସୀ ମାନଙ୍କ ସହିତ କୁନ୍ଦ୍ରା ଥାନା ଅଧିକାରୀ ର୍ଦୁବ୍ୟବହାର କରୁଛନ୍ତି ବୋଲି ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ଦେଇଛନ୍ତି । କୁନ୍ଦ୍ରା ଥାନା ଅଧିକାରୀଙ୍କ ର୍ଦୁବ୍ୟବହାର ଓ କାର୍ଯ୍ୟରେ ଅବହେଳାକୁ ନେଇ ଗ୍ରାମବାସୀ ମାନେ ଏକତ୍ରିତ ହୋଇ ଆଜି କୁନ୍ଦ୍ରା ଥାନା ଅଧିକାରୀ ଙ୍କ ବିରୋଧରେ ଥାନା ଘେରାଉ କରିଛନ୍ତି । ସେମାନଙ୍କ କହିବା ଅନୁସାରେ ଯଦି ଧନପତି ଦୁରୁଆ ଙ୍କହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅପରାଧୀ ମାନଙ୍କୁ ଗିରଫ୍ କରାନଯାଏ ତା'ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓଲହାଇବୁ ବୋଲି ଚେତାବନୀ ଦେଇଛନ୍ତି । ଏହି ବିଷୟରେ ଗଣମାଧ୍ୟମ ପ୍ରତିନିଧି ମାନେ କୁନ୍ଦ୍ରା ଥାନା ଅଧିକାରୀ ଙ୍କ ଠାରୁ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ କିନ୍ତୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିଲେ । କହିଥିଲେ ଯାହା ବୁଝିବାର ଅଛି ଜୟପୁର ଏସ୍.ଡି.ପି.ଓ ଙ୍କୁ ଏବଂ କୋରାପୁଟ ଏସ୍ ପି ଙ୍କୁ ପଚାରନ୍ତୁ ବୋଲି କହିଥିଲେ ।

# ପାଚିକା ସହାୟିକା ସଂଘ ତରଫରୁ ଶିକ୍ଷାମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଜୟପୁର, ୦୯/୦୬ (ନି.ପ୍ର): ନିଖିଳ ଓଡିଶା ଏମ.ଡି.ଏମ. ପାଚିକା ସହାୟିକା ସଂଘ ଜୟପୁର ବ୍ଲକ କମିଟି ତରଫରୁ ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଜୟପୁର ରଜାନହର ଠାରୁ ଏକ ଶୋଭାଯାତ୍ରା ବାହାରି ଗୋଷ୍ଠି ଶିକ୍ଷାଧିକାରିଙ୍କ କାଯ୍ୟାଳୟରେ ପହଂଚି ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସହକାରି ଗୋଷ୍ଠି ଶିକ୍ଷାଧିକାରି ମୃତ୍ୟୁଞ୍ଜୟ ପଣ୍ଡାଙ୍କୁ ୯ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛି । ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ପାଚିକା ମାନଙ୍କୁ ସରକାରୀ କର୍ମଚାରି ମାନ୍ୟତା ଓ ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କା ପ୍ରଦାନ କରିବା, ଦଶ ମାସ ବଦଳରେ ୧୨ ମାସର ପ୍ରାପ୍ୟ ପ୍ରଦାନ କରାଯାଉ, ବର୍ଷକୁ ଦୁଇ ଯୋଡା ଶାଢୀ, ବ୍ଲାଉଜ ପ୍ରଦାନ କରାଯାଉ, ୬୦ ବର୍ଷ ପରେ ଛଟେଇ ହେଉଥିବା ପାଚିକା ମାନଙ୍କୁ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯାଉ, ସ୍କୁଲ ମାନଙ୍କରେ ଛାତ୍ରଛାତ୍ରୀ ସଂଖ୍ୟା ଭିତ୍ତିରେ ପାଚିକା ମାନଙ୍କୁ ନିଯୁକ୍ତି ଦିଆଯାଉ, ବାର୍ଷିକ ଅତି କମରେ୧୫ ଦିନ ଛୁଟି ମଞ୍ଜୁର କରିବା ସହ ପ୍ରସୁତିକାଳୀନ ଛୁଟି ମଞ୍ଜୁର କରାଯାଉ, ପାଚିକା ସହାୟିକା ମାନଙ୍କୁ ଶ୍ରମିକର ମାନ୍ୟତା ଦେବା ସହ ସର୍ବନିମ୍ନ ମଜୁରି ପ୍ରଦାନ କରାଯାଉ, ଗତ ୧.୧୨.୨୦୦୯ ତାରିଖ ଠାରୁ କେନ୍ଦ୍ର ସରକାର ପାଚିକା ସହାୟିକା ମାନଙ୍କର ପ୍ରାପ୍ୟ ଏକ ହଜାର ଟଙ୍କା ସ୍ଥିର କରିଥିଲେ ମଧ୍ୟ ୩୧.୩.୨୦୧୨ ଯାଏ ପାଚିକା ସହାୟିକା ମାନଙ୍କୁ ୬ ଶହ ଓ ୪ ଶହ ଟଙ୍କା ଲେଖାଏଁ ପୈଠ କରାଯାଇଛି । ଏଣୁ ଏମାନଙ୍କର ୨୮ ମାସର ବକେୟା ଟଙ୍କା ପୈଠ କରାଯାଉ, ସ୍କୁଲରେ ଛାତ୍ରଛାତ୍ରୀ କମ ଥିବା ଓ ସ୍କୁଲ ମିଶ୍ରଣ ଯୋଗୁଁ ପାଚିକା ସହାୟିକା ମାନଙ୍କୁ ବାହାର କାରାଯାଇଛି ସେମାନଙ୍କୁ ବ୍ଲକ ମଧ୍ୟରେ ଖାଲିଥିବା ସ୍ଥାନରେ ନିଯୁକ୍ତି ଦିଆଯାଉ ଆଦି ଦାବି ରହିଛି । ଏହି ଶୋଭାଯାତ୍ରାରେ ଯୁଧିଷ୍ଠିର ରାଉଳ, ଉତମ ମଲ୍ଲିକ, ସତ୍ୟବ୍ରତ ନନ୍ଦ, ରାମକୃଷ୍ଣ ଦାସ ପ୍ରମୁଖ ସାମିଲ ଥିଲେ ।

# ଯାତ୍ରୀ ନିବାସ ବୁକିଂ ନାଁରେ ସାଇବର ଠକେଇ



ଝାରସୁଗୁଡ଼ା, ୦୯/୦୬ (ନି.ପ୍ର): ପୁରୀର ଏକ ଯାତ୍ରୀ ନିବାସ ବୁକିଂ ନାଁରେ ଝାରସୁଗୁଡ଼ାର ଆଇନଜୀବୀ ବିକାଶ ପଣ୍ଡାଙ୍କଠାରୁ ସାଇବର ଲୁଟେରା ୨୫୨୦ ଟଙ୍କା ଠକି ନେଇଥିବା ବେଳେ ଉପସ୍ଥିତ ବୁଦ୍ଧି ଯୋଗୁ ତାଙ୍କ ଆକାଉଣ୍ଟରେ ଥିବା ଅବଶିଷ୍ଟ ଟଙ୍କା କଟିବାରୁ ବର୍ତ୍ତି ଯାଇଥିଲା । ଏ ସଂକ୍ରାନ୍ତରେ ସେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅଭିଯୋଗ ଅନୁସାରେ, ଆଇନଜୀବୀ ଶ୍ରୀ ପଣ୍ଡା ଗୁରୁବାର ପୁରୀର ଏକ ଯାତ୍ରୀ ନିବାସରେ ରୁମ୍ ବୁକିଂ କରୁଥିଲେ । ଗୁଗଲରୁ ଉକ୍ତ ଯାତ୍ରୀନିବାସର ଅଫିସିଆଲ୍ ୱେବସାଇଟ୍କୁ ଯାଇ ନମ୍ବର ଆଣି ଶ୍ରୀ ପଣ୍ଡା ଫୋନ୍ କରିଥିଲେ । ଏହାପରେ ତାଙ୍କୁ ରୁମ୍ ବୁକିଂ ବାବଦକୁ ୨୫୨୦ ଟଙ୍କା ଅଗ୍ରିମ ଜମା କରିବାକୁ କୁହାଯାଇଥିଲା । ସେ ଏହି ଅର୍ଥ ପୈଠ କରିଥିଲେ । ପରେ ପୁଣି ଜଣେ ବ୍ୟକ୍ତି ମ୍ୟାନେଜର ବୋଲି ପରିଚୟ ଦେଇ ଫୋନ୍ କରିଥିଲା । ସେ ପଞ୍ଜୀକରଣ ପାଇଁ ଏକ ଆଇଡି ଦେଇ ଏକ ଗୁଗଲ ପେ'ର ଟ୍ରାଞ୍ଜାକ୍ସନ କରିବାକୁ କହିଥିଲା । ଏହି ଆଇଡି ପେଷ୍ଟ କରିବାରୁ ୧୯ ହଜାର ୩୨୬ ଟ୍ରାଞ୍ଜାକ୍ସନ ହେବାକୁ ଯାଉଥିବା ଜାଣି ସେ ଏଥିରୁ ବିରତ ହୋଇଥିଲେ । ଠକେଇର ଶିକାର ହେଉଥିବା ଜାଣି ଉକ୍ତ ନମ୍ବରକୁ ଶ୍ରୀ ପଣ୍ଡା ଫୋନ୍ କରିଥିଲେ । ମାତ୍ର ସମ୍ପୃକ୍ତ ବ୍ୟକ୍ତି ଆଉ କଲ୍ ରିସିଭ କରିନଥିଲା । କିନ୍ତୁ କିଛି ସମୟ ପରେ ଉକ୍ତ ନମ୍ବରରେ ଗୁଗଲ ପେ' କରିବାକୁ ପୁଣିଥରେ ଫୋନ୍ ଆସିବା ପରେ ଶ୍ରୀ ପଣ୍ଡା ସାଇବର ଠକ ସନ୍ଦେହରେ ପୁଲିସର ଦ୍ୱାରସ୍ଥ ହୋଇଥିଲେ ।

## ଏକ୍ସନ୍ ମୋଡରେ ଲୋଇସିଂହା ପୋଲିସ: ଚୋରା ମଦ ସହ ବାଇକ ଜବତ ଦୁଇ ଗିରଫ

ବଲାଙ୍ଗିର, ୦୯/୦୬ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଅବକାରୀ ବିଭାଗ ଲୋଇସିଂହା ର ବିଭିନ୍ନ ସ୍ଥାନ ରେ ଚଢ଼ାଉ କରି ବିପୁଳ ପରିମାଣ ର ଚୋରା ଦେଶୀ ମଦ ଓ ଏକ ବାଇକ ଜବତ କରିବା ସହ ଦୁଇ ଜଣ ଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତି ମାନେ ହେଲେ ଲୋଇସିଂହା ର ଚତୁର୍ଭୁଜ ବିଶୋଇ ଓ ଦୀପକ ସୁନା । ଏ ମାନଙ୍କ ଠାରୁ ୭୦ ଲିଟର ଦେଶୀ ବେଆଇନ ଖୋଲା ମଦ ଜବତ କରାଯାଇଛି । ପୂର୍ବରୁ ଏହି ଅଂଚଳ ରେ ମଦ କାରବାର ହେଉଥିବା ଅଭିଯୋଗ ହୋଇ ଆସୁଥିବାରୁ ଅବକାରୀ ବିଭାଗ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ଲୋଇସିଂହା ଅବକାରୀ ଥାନା ଅଧିକାରୀ ଜଗନ୍ନାଥ ମିଶ୍ର, ସୁରେଶ ଭୋଇ, ସୁନେଲି ପ୍ରଧାନ, ନିରଞ୍ଜନ ସାହୁ, ଅଜିତ ସାହୁ ଙ୍କ ସହିତ ଅନ୍ୟ କର୍ମଚାରୀ ମାନ ଉପସ୍ଥିତ ଥିଲେ ।

## ଅଭୟା ଯୁବକ ସଂଘ ପକ୍ଷରୁ ସମୂହ ପ୍ରାର୍ଥନା ଓ ଦୀପ ଦାନ

କେନ୍ଦ୍ରାପଡା, ୦୯/୦୬ (ନି.ପ୍ର): ବାଲେଶ୍ୱର ର ବାହାନଗା ଠାରେ ଘଟି ଯାଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତି ମାନଙ୍କ ଆତ୍ମାର ସଦ୍‌ଗତି କାମନା କରି ଓ ଆହତ ମାନଙ୍କ ଆଶୁ ଆରୋଗ୍ୟ ଲାଭ ପାଇଁ ଅଭୟା ଯୁବକ ସଂଘ ପକ୍ଷରୁ ସମୂହ ପ୍ରାର୍ଥନା ଓ ଦୀପ ଦନ କରାଯାଇଛି । ସଂଘର ସଭାପତି ତଥା କାଉନସିଲର ପ୍ରଦିପ୍ତ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂପାଦକ ହିମାଂଶୁ ଶେଖର ଦାସ, ପ୍ରମୋଦ କୁମାର ମହାରଣା, ହଳାୟୁଧ ଦାସ, ନାରାୟଣ ଷଡଙ୍ଗୀ, କାର୍ତିକେୟ ନନ୍ଦ, ରମେଶ ମହାରଣା, ମନୋଜ କୁମାର ତ୍ରିପାଠୀ, ଜଗନ୍ନାଥ କର, ସରୋଜ ମହାରଣା, ମାନସ ନନ୍ଦ ଓ ଶୁଭମ ଦାସ ପ୍ରମୁଖ ଉପସ୍ଥିତ ରହି ଦୀପ ଦାନ ଓ ପ୍ରାର୍ଥନା କରିଥିଲେ ।

# କୋୟା ଗୋଣ୍ଡ ଆଦିବାସୀ ଭାଷା ସୁରକ୍ଷା ଯାତ୍ରା: କୋୟା ଗୋଣ୍ଡ ଆଦିବାସୀ ଶବ୍ଦକୋଷ ନେଇ କର୍ମଶାଳା

ମାଲକାନଗିରି, ୦୯/୦୬ (ନି.ପ୍ର): ସିଜିନେଟ ୱାର୍କ ମାଧ୍ୟମରେ ମାଲକାନଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଦ୍ୱାରା କୋୟା ଗୋଣ୍ଡ ଆଦିବାସୀ ଭାଷା ସୁରକ୍ଷା ଓ ଶବ୍ଦ କୋଷ ସଂଗ୍ରହ ନେଇ ମାଲକାନଗିରି ଜିଲ୍ଲା ମାଲ୍ୟବନ୍ତ ଛାତ୍ର ବାସ ସ୍ୱଭାଗୃହ ରେ ଆଜି ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସିଜିନେଟ ୱାର୍କସ୍ୱର ଫାଉଣ୍ଡେସନର ମୁଖ୍ୟ ତଥା ଆଦିବାସୀ ଭାଷା ଗବେଷକ ଶୁଭ୍ରାଂଶୁ ଚୌଧୁରୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଓଡ଼ିଶା, ଛତିଶିଗଡ଼, ମଧ୍ୟପ୍ରଦେଶ, ବିହାର, ଆନ୍ଧ୍ର ପ୍ରଦେଶ, ମହାରଷ୍ଟ୍ର ୬ ଟି ରାଜ୍ୟର ଗୋଣ୍ଡି କୋୟା ଆଦିବାସୀ ପ୍ରତିନିଧି ଓ ବକ୍ତା ମାନେ ଯୋଗଦେଇଥିଲେ । ଏହି କର୍ମଶାଳାର ପ୍ରଥମ ଅଧିବେଶନ ରେ ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧକ୍ଷ ଆଡ଼ମା ରାବା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି କର୍ମ ଶାଳା କୁ ଉଦ୍ଘାଟନ କରି କହିଛନ୍ତି ଯେ 'କୋୟା ମାଲକାନଗିରିର ଜିଲ୍ଲାର ଏକ ପ୍ରମୁଖ ଆଦିବାସୀ ଭାଷା ଏବଂ ଏହା ପରବର୍ତ୍ତୀ ସ୍ତରକୁ ଯିବା ଆବଶ୍ୟକ ଯାହା ଦ୍ୱାରା ଅଗାମୀ ପଡି ଏହି ଭାଷା କୁ ସୁରକ୍ଷା ଦେଇ ବ୍ୟବହୃତ କରିବେ । ଜିଲ୍ଲାରେ ଥିବା ସମସ୍ତ କୋୟା ଆଦିବାସୀ ଙ୍କ ଶବ୍ଦକୋଷ ସଂଗ୍ରହ ଯାତ୍ରାରେ ସାହାଯ୍ୟ କରିବାକୁ ସଦାର୍ସ୍ୱଦା ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ରାବା କହି ଥିଲେ । କର୍ମଶାଳାର ଦ୍ୱିତୀୟ ଅଧିବେଶନ ରେ ମୁଖ୍ୟବକ୍ତା ଭାବେ ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ଓ ବନବାସୀ ଗବେଷକ ରତ୍ନାକର ଦାଶ ଯୋଗ ଦେଇ କହିଛନ୍ତି ଯେ ମା, ମାତୃଭୂମି ଏବଂ ମାତୃଭାଷା ଯାହାକି ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ, ଯେଉଁ ଦେଶର ମାତୃଭାଷା ଯେତେ ଦୃଢ଼ ସେ ଦେଶ ସେତେ ସୁଦୃଢ଼ ଓ ବିକଶିତ । ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରେ ଅଧିକ ସଂଖ୍ୟକ କୋୟା ଆଦିବାସୀ ବସ ବାସ କରନ୍ତି ସେମାନଙ୍କ ମାତୃଭାଷା ପ୍ରତି ଗୁରତ୍ୱ ଦେବା ଜରୁରୀ, ଓଡ଼ିଶାର କୋୟା ସମ୍ପ୍ରଦାୟ ପରି ପଡୋଶୀ ରାଜ୍ୟ ଛତିଶିଗଡ଼ ରାଜ୍ୟରେ ମଧ୍ୟ ସେହି ସମ୍ପ୍ରଦାୟ ରହୁଛନ୍ତି, ସେମାନଙ୍କୁ ସେଠାରେ ଗୋଣ୍ଡ ଆଦିବାସୀ ବୋଲି କହିଥାନ୍ତି, ସେମାନେ ଓଡ଼ିଶାର କୋୟା ଆଦିବାସୀ ଙ୍କ ସହିତ ବନ୍ଧୁ ବାନ୍ଧି ସମ୍ପର୍କ କୁ ସୁଦୃଢ଼ କରିଛନ୍ତି । ଜିଲ୍ଲାର ଅଧିକାଂଶ ଆଦିମ ଆଦିବାସୀ ଲୋକଙ୍କ ମାତୃଭାଷାର ବିକାଶକୁ ସରକାର ଓ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଇ ଏହାର ସୁରକ୍ଷା ପ୍ରତିଦୃଷ୍ଟି ଦେଉଥିବାରୁ ଏହା ଅତ୍ୟନ୍ତ ସ୍ୱାଗତ ଯୋଗ୍ୟକଥା । ଏହାଦ୍ୱାରା କୋୟା ସମ୍ପ୍ରଦାୟର ଭାଷା ଏବଂ ସଂସ୍କୃତିର ସଂରକ୍ଷଣରେ ସହାୟତା ଏକ ଦୀର୍ଘ ରାସ୍ତା ଅତିକ୍ରମ କରିବ ବୋଲି ଶ୍ରୀ ଦାଶ କହି ଥିଲେ । ସିଜିନେଟ ସ୍ୱର ଫାଉଣ୍ଡେସନର ମୁଖ୍ୟ ଶୁଭ୍ରାଂଶୁ ଚୌଧୁରୀ କହିଥିଲେ ଦେଶର ୬ଟି କୋୟା (ଗୋଣ୍ଡି) ଭାଷାଭାଷୀ ରାଜ୍ୟରେ ଏହି କାର୍ଯ୍ୟର ପ୍ରଚାର ଓ ପ୍ରସାର ଚାଲିଛି । ' ଗୋଣ୍ଡି (କୋୟା) ଆଦିବାସୀ ଭାଷା ନୂତନ ଦୁନିଆରେ ବଞ୍ଚିବା ପାଇଁ ଡିଜିଟାଲ୍ ଭାଷା ହେବା ଜରୁରୀ, ଯେଉଁଥି ପାଇଁ ଗୋଣ୍ଡି ଭାଷା ର ଏକ ଶବ୍ଦ କୋଷ ଅଭିଧାନ ପ୍ରଚଳନ ଆବଶ୍ୟକ ଅଟେ । ଏଥିପାଇଁ ସମସ୍ତ ରାଜ୍ୟରୁ ଗୋଣ୍ଡି ଶବ୍ଦ ସଂଗ୍ରହ ଚାଲିଛି । ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ଲାଙ୍ଗୁଏଜ୍ ମହିଶ୍ୱର ଠାରେ ଗୋଣ୍ଡି ଭାଷାରେ ଏକ ବୃହତ ଅଭିଧାନ ପ୍ରସ୍ତୁତି କରିବାରେ ସାହାଯ୍ୟ କରିବ । ତେଣୁ ବିଭିନ୍ନ ରାଜ୍ୟରେ ବସବାସ କରୁଥିବା ଗୋଣ୍ଡି ଓ କୋୟା ଆଦିବାସୀ ମାତୃଭାଷା ର ଶବ୍ଦଗୁଡିକ ସଂଗ୍ରହ କରାଯାଉଛି । ଏହି କାର୍ଯ୍ୟକ୍ରମ ରେ ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା କୋୟା ସମାଜ ର ସଭାପତି ମୁକୁନ୍ଦ ପଡ଼ିଆମୀ ଓ ଆନନ୍ଦ ମାଡି ଯୋଗ ଦେଇ କହିଛନ୍ତି 'ଗୋଣ୍ଡି ଭାଷା ସହିତ କୋୟା ଭାଷା ପାଇଁ ଏକ ମାନକ ସ୍କ୍ରିପ୍ଟ ଦରକାର । ପ୍ରଚାରରେ ଦୁଇଟି ଗୋଣ୍ଡି ସ୍କ୍ରିପ୍ଟ ଅଛି ଏବଂ ଆମେ ଆଲୋଚନା ଆରମ୍ଭ କରିଛୁ କେଉଁ କୋୟା ସ୍କ୍ରିପ୍ଟ ଲେଖା ଗଲେ ଆଗାମୀ ପିଢ଼ି ର ପିଲାମାନେ ଜାଣିପାରିବେ ଭାଷା ଶିଖିବା ସହିତ ସ୍କ୍ରିପ୍ଟ ପଢିପାରିବେ । ଏହିବକର୍ଯ୍ୟକ୍ରମ ରେ ୬ ଟି ରାଜ୍ୟରୁ ଗୋଣ୍ଡି ବିଶେଷଜ୍ଞ ବକ୍ତା ଓ ସ୍ଥାନୀୟ କୋୟା ଗୋଣ୍ଡି ଆଦିବାସୀ ନେତା ଓ ବକ୍ତା ମାନେ କର୍ମଶାଳାରେ ଅଂଶଗ୍ରହଣ କରି ନିଜ ନିଜ ର ମତଉପସ୍ଥାପନ କରିଥିଲେ । ଆଦିବାସୀ ବକ୍ତା ଶିବପ୍ରସାଦ ଧୁରୱେ କହିଛନ୍ତି ସରକାର କୋୟା ଭାଷାକୁ ସମର୍ଥନ କରିବେ, କୋୟା ଭାଷା ସୃଷ୍ଟି କରିବା ପାଇଁ ଏଠାରେ ଆଉ କିଛି କୋୟା ଶବ୍ଦ ଅପଲୋଡ୍ ହୋଇପାରିବ । ମଧ୍ୟପ୍ରଦେଶର ସୋନୁ ଇଭନେ ନାମକ ଜଣେ ବୃଦ୍ଧ ମଧ୍ୟ କହିଛନ୍ତି, 'ମୁଁ ବୃଦ୍ଧ କିନ୍ତୁ ଯେପର୍ଯ୍ୟନ୍ତ ମୋ ଦେହରେ ଶକ୍ତି ଅଛି ମୁଁ ମୋର ଭାଷା ପାଇଁ କାମ କରିବି ତେଣୁ ଏହା ମୋର ଭବିଷ୍ୟତ ପିଡି ପାଇଁ ସଂରକ୍ଷିତ ରହିବ । ଏଠାରେ ଆମକୁ ସାହାଯ୍ୟ କରୁଥିବା ଓଡିଶା ସରକାରଙ୍କୁ ମୁଁ ବହୁତ କୃତଜ୍ଞ । ମୁଁ ଆଶା କରୁଛି ସେମାନେ ସାହାଯ୍ୟ ଜାରି ରଖିବେ ତେଣୁ ଆମେ ଏହି କାର୍ଯ୍ୟକୁ ସଂପୂର୍ଣ୍ଣ କରିପାରିବା । ଏହି ଭାଷା କୋଷ ଦ୍ୱାରା କୋୟା ଭାଷାରେ ଶିକ୍ଷା, ସାମ୍ବାଦିକତା ଏବଂ ପ୍ରଶାସନିକ କାର୍ଯ୍ୟ ହୋଇପାରିବ । ଯଦି ଆମର ପିଲାମାନେ କୋୟାରେ ଅଧ୍ୟୟନ କରିପାରନ୍ତି ତେବେ ସେମାନେ ଶିକ୍ଷାକୁ ଅଧିକ ସହଜରେ ବୁଝିପାରିବେ କାରଣ ଏହା ବିଶ୍ୱ ବ୍ୟାପୀ ଜ୍ଞାନିକ ଭାବରେ ପ୍ରମାଣିତ ହେବ । ବିହାରର ସୁନୀଲ କୁମାର ଯିଏକି ଟେକ୍ନିକାଲ୍ ଦୁଇଟି ମୋବାଇଲ୍ ଆପରେ କୋୟା ଶବ୍ଦ କିପରି ଅପଲୋଡ୍ କରିବେ ତାହା ଶିଖିବାରେ ସାହାଯ୍ୟ କରିବା କହିଛନ୍ତି ଯେ ନୂତନ ଶିକ୍ଷା ନୀତିରେ ମାତୃଭାଷାକୁ ସରକାର ସ୍ୱାଗତ କରୁଛନ୍ତି । ଆମେ ଆଶା କରୁଛୁ ଏକ ଷ୍ଟାଣ୍ଡାର୍ଡ ଗୋଣ୍ଡି ରହିବା ପରେ ଅଧିକ ପିଲା ଗୋଣ୍ଡି ଭାଷାରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିବାକୁ ସକ୍ଷମ ହେବେ । 'ଓଡ଼ିଶାରେ ପ୍ରବେଶ କରିବା ପୂର୍ବରୁ ଛତିଶଗଡରେ ଗୋଣ୍ଡି ୱାର୍ଡ ସଂଗ୍ରହ ଯାତ୍ରା ୨ ମାସ, ସଫଳତାର ସହିତ କରିଛନ୍ତି । ଶବ୍ଦ ସଂଗ୍ରହ ପାଇଁ ଆପ୍ ମାଇକ୍ରୋସଫ୍ଟ ରିସର୍ଚ୍ଚ ଏବଂ ଆମେରିକାର ଭକ୍ସ ଲ୍ୟାବ୍ ଦ୍ୱାରା ପ୍ରେ ବୋନୋ ପ୍ରସ୍ତୁତ କରାଯାଇଛି । ସେମାନେ ଶୀଘ୍ର ୧୦,୦୦୦ ଶବ୍ଦର ଏକ ଗୋଣ୍ଡି / କୋୟା ଅଭିଧାନ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥିବାର ଜଣା ପଡ଼ିଛି । ଏହି କର୍ମଶାଳା ଆଜିଠାରୁ ଆରମ୍ଭ ହୋଇ ତିନିଦିନ ଧରି ଚାଲିବ, ଏଥିରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ କୋୟା ଆଦିବାସୀ ସମ୍ପ୍ରଦାୟର ଶିକ୍ଷିତ ଯୁବଗୋଷ୍ଠୀ, ଗାଁ ମୁଖିଆ, ନାୟକ, ପେଦା, ଚାଲାଣ ମାନେ ଯୋଗଦେଇ ଭାଷା ଶବ୍ଦ ସଂଗ୍ରହ ସହିତ ନିଜ ନିଜର ମତ ଉପସ୍ଥାପନ କରି ପ୍ରଶିକ୍ଷଣ ନେବାର କାର୍ଯ୍ୟକ୍ରମ ରହିଛି ।

# କୁନିନ୍ଦା ପଂଚାୟତରେ ବିଭିନ୍ନ ପ୍ରକଳ୍ପ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନ, ୦୯/୦୬ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ କୁନିନ୍ଦା ପଂଚାୟତରେ ବିଧାୟକ ଅନୁଦାନ ପାଣ୍ଠି, ଜିଲ୍ଲା ଖଣିଜ ପାଣ୍ଠି ଏବଂ ପଂଚାୟତ ସମିତି ପାଣ୍ଠି ରେ ନିର୍ମିତ ବିଭିନ୍ନ ପ୍ରକଳ୍ପ ର ଶିଳାନ୍ୟାସ ଓ ଉଦଘାଟନ କାର୍ଯ୍ୟକ୍ରମ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ବିଧାୟକ ପାଣ୍ଠି ରୁ ଏକ କମ୍ୟୁନିଟି ସେଂଟର, ଜିଲ୍ଲା ଖଣିଜ ପାଣ୍ଠି ରୁ ୨୦ ଲକ୍ଷ ଟଙ୍କା ବ୍ୟୟ ରେ କୁନିନ୍ଦା ପଂଚାୟତ ର ନୂତନ ଗୃହ, ୧୦ ଲକ୍ଷ ଟଙ୍କା ବ୍ୟୟ ରେ ତପୋବନ ହାଇ ସ୍କୁଲ ରେ ନୂତନ ଶ୍ରେଣୀ ଗୃହ ଓ ୫ଲକ୍ଷ ଟଙ୍କା ବ୍ୟୟ ରେ ମିଶନ ଶକ୍ତି ସଭା ଗୃହକୁ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନଡ଼ିଆ ଭାଙ୍ଗି, ଫିତା କାଟି ଉଦଘାଟନ କରିଥିଲେ । ପଂଚାୟତ ସମିତି ଏବଂ ଗ୍ରାମ ପଂଚାୟତ ପାଣ୍ଠି ରୁ ୪୦ ଲକ୍ଷ ଟଙ୍କା ବ୍ୟୟ ରେ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପ ନିମନ୍ତେ ଶିଳାନ୍ୟାସ କରିଥିଲେ । ଏହି ଅବସର ରେ ଆୟୋଜିତ ଉଦଘାଟନୀ ସଭା ରେ ଯୋଗଦେଇ ମନ୍ତ୍ରୀ ମଲ୍ଲିକ କହିଥିଲେ ଯେ, ଭୁବନ ଅଂଚଳର ବିକାଶ ପାଇଁ ଅର୍ଥ ର ଅଭାବ ରହିବ ନାହିଁ । ଉନ୍ନୟନ ମୂଳକ କାର୍ଯ୍ୟରେ ସମସ୍ତଙ୍କର ସହଯୋଗ ଜରୁରୀ ବୋଲି ମତ ବ୍ୟକ୍ତ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଶ୍ରୀମତୀ ସିପ୍ରା ବରାଳ, ବିଡ଼ିଓ କଲ୍ୟାଣ ସୌରଭ ଦାଶ, କୁନିନ୍ଦା ସରପଂଚ କଲ୍ୟାଣୀ ସାହୁ, ସମିତି ସଭ୍ୟ ତାପସ ଆଏଚ, ବ୍ଲକ ଉପାଧକ୍ଷା ସରୋଜିନୀ ଦ୍ୱିବେଦୀ, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, କୁନିନ୍ଦାର ପୂର୍ବତନ ସରପଂଚ ଅର୍ଜୁନ ସାହୁ, ବାରୁଆଁ ସରପଂଚ ବୀଣାପାଣି ସାହୁ, ଓଡ଼ିଶ ସରପଂଚ ମୋହନ ମହାନ୍ତ, ଧଳପଡା ସରପଂଚ ଶ୍ରୀନିବାସ ବେହେରା ଓ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ଖାଲିପେଟରେ କାହିଁକି ସେବନ କରନ୍ତି ଟମାଟୋ ? ଜାଣନ୍ତୁ ଏହାର ୪ଟି ଜବରଦସ୍ତ ଫାଇଦା

ଟମାଟୋ ଏପରି ଏକ ପରିବା ଯାହାକୁ ଭାରତରେ ବହୁଳ ଭାବରେ ବ୍ୟବହାର କରାଯାଏ । ଏହାକୁ କୌଣସି ତରକାରୀରେ ପକାଇଦେଲେ ତାର ସ୍ୱାଦ ବଢିଯାଏ । ଏଥିସହିତ ଟମାଟୋକୁ ତ୍ୱଚା ପାଇଁ ମଧ ବ୍ୟହାର କରାଯାଏ । କିନ୍ତୁ ଆପଣମାନେ ଜାଣଛନ୍ତି କି ଟମାଟୋକୁ ଖାଲିପେଟରେ ସେବନ କରିବା ଦ୍ୱାରା ଏହା ଆମ ଶରୀରରୁ ଅନେକ ପ୍ରକାର ଫାଇଦା ଦେଇଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଟମାଟୋକୁ ଖାଲିପେଟରେ ସେବନ କରିବା ଦ୍ୱାରା ଏହା ଆମକୁ କଣ ଫାଇଦା ଦେଇଥାଏ ।

## ଟମାଟୋକୁ ଖାଲିପେଟରେ ସେବନ ଦ୍ୱାରା ମିଳିଥାଏ ଏହିସବୁ ଫାଇଦା:



**୧-ପେଟରେ ଥିବା ଜୀବାଣୁ ନଷ୍ଟ:** ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ସକାଳୁ ଖାଲିପେଟରେ ଟମାଟୋ ଖାଇବା ଦ୍ୱାରା ଏହା ଆମ ଶରୀରକୁ ଫାଇଦା ଦେଇଥାଏ । ଖାସ କରି ପେଟରେ ଥିବା ଜୀବାଣୁକୁ ଏହା ନଷ୍ଟ କରିଥାଏ । ତେବେ ସକାଳୁ ଟମାଟୋକୁ ଗୋଲମରିଚ ଗୁଣ୍ଡ ସହ ମିଶାଇ ସେବନ କରନ୍ତୁ ଫଳରେ ପେଟରେ ଥିବା ଜୀବାଣୁ ମରି ମଳ ଦ୍ୱାରା ବାହିରି ଆସିବେ ଏଥିସହିତ ସ୍ୱାସ୍ଥ୍ୟ ମଧ ଭଲ ରହିବ ।

**୨-ହୃଦଘାତ ସମସ୍ୟା ଦୂର:** ଟମାଟୋରେ ଭିଟାମିନସ୍, ସୋସଡିୟମ, ପୋଟାସିୟମ, କ୍ୟାଲସିୟମ, ଭିଟାମିନ ଏ, ଭିଟାମିନ ସି, ଭିଟାମିନ ଇ ଏବଂ ରାଇବୋଫ୍ଲୋଭିନ ଆଦି ରହିଥାଏ। ଯାହା ଶରୀରକୁ ସୁସ୍ଥ ରଖିବା ସହ ହୃଦଘାତ ପରି ସମସ୍ୟାକୁ ମଧ ଦୂର କରିଥାଏ । ତେଣୁ ପ୍ରତ୍ୟେକ ଦିନ ଖାଲିପେଟରେ ଟମାଟୋ କିମ୍ବା ଟମାଟୋ ଜୁସ୍ ସେବନ କରିବା ଦ୍ୱାରା ଏହା ହାଇ କୋଲେଷ୍ଟ୍ରଲ ଏବଂ ବ୍ଲଡପ୍ରେସରକୁ ନିୟନ୍ତ୍ରଣ କରିଥାଏ । ଫଳରେ ହୃଦଘାତ ସମସ୍ୟା ଦୂର ହୋଇଥାଏ ।

**୩-ପେଟ ଥଣ୍ଡା ରୁହେ:** କିଛି ଲୋକଙ୍କୁ ପେଟ ଗରମ କାରଣରୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ । ଫଳରେ ଏହା ସେମାନଙ୍କ ଚର୍ମ ଏବଂ କେଶ ଉପରେ ପ୍ରଭାବ ପକାଏ । ତେଣୁ ବିଶେଷଜ୍ଞମାନଙ୍କ ମତରେ ଖାଲିପେଟରେ ସକାଳୁ ଟମାଟୋ ସୋବନ କରିବା ଉଚିତ୍ ଏପରି କରିବା ଦ୍ୱାରା ପେଟ ଗରମ ସମସ୍ୟା ଦୂର ହୋଇଥାଏ ।

**୪-ଦୃଷ୍ଟିଶକ୍ତି ବଢେ:** ଯେଉଁ ବ୍ୟକ୍ତିମାନଙ୍କର ଦୃଷ୍ଟିଶକ୍ତି କମ୍ ଥାଏ ସେମାନଙ୍କ ପାଇଁ ଟମାଟୋ ସେବନ ଅନେକ ଲାଭ ଦେଇଥାଏ। କାରଣ ଏହି ପରିବାରେ ଭିଟାମିନ ଏ ପ୍ରଚୁର ପରିମାଣରେ ରହିଥାଏ। ଫଳରେ ଏହାକୁ ପ୍ରତ୍ୟେକ ଦିନ ଖାଲି ପେଟରେ ସେବନ କଲେ ଏହା ଦୃଷ୍ଟି ଶକ୍ତି ବୃଦ୍ଧି କରିବା ସହ ତ୍ୱଚାକୁ ମଧ କୋମଳ ଏବଂ ଚିକ୍କଣ କରିଥାଏ ।

# ଘରେ ପାରାର ପ୍ରବେଶ ଦେଇଥାଏ ଏହି ସଂକେତ; ଜାଣନ୍ତୁ ଏହା ଶୁଭ ନା ଅଶୁଭ ?



ଧର୍ମ- ଶାସ୍ତ୍ରରେ ଏପରି କିଛି କଥା ବା ଘଟଣା ରହିଛି ଯାହାକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଏ। ଏହି ଘଟଣା ବ୍ୟକ୍ତିର ଜୀବନ ଉପରେ ପ୍ରଭାବ ମଧ ପକାଇଥାଏ ବୋଲି ବିଶ୍ୱାସ ରହିଛି । ତେବେ ହିନ୍ଦୁ ଧର୍ମରେ ଜ୍ୟୋତିଷ ଶାସ୍ତ୍ର, ବାସ୍ତୁ ଶାସ୍ତ୍ର ,ସ୍ୱପ୍ନ ଶାସ୍ତ୍ର ପରି ଶକୁନ ଶାସ୍ତ୍ର ମଧ ରହିଛି । ଯେଉଁଥିରେ ଘରେ ପ୍ରବେଶ କରୁଥିବା ଜୀବଜନ୍ତୁ ଆମ ଜୀବନ ଉପରେ କିପରି ପ୍ରଭାବ ପକାଇଥାନ୍ତି ଏବଂ ଏହା ଶୁଭ କି ଅଶୁଭ ଏହିସବୁ ବିଷୟରେ ଉଲ୍ଲେଖ ରହିଛି । ତେବେ ଆଜି ଆମେ ଆପଣଙ୍କୁ ଜାଣାଇବୁ ଘରେ ପାରାର ପ୍ରବେଶ ଆପଣଙ୍କ ଜୀବନରେ କି ସଂକେତ ଦେଇଥାଏ। ତେବେ ପାରାକୁ ଶାନ୍ତିର ପ୍ରତୀକ କୁହାଯାଏ । ଏଥିସହିତ ଧାର୍ମିକ ଶାସ୍ତ୍ର ଅନୁସାରେ ଏହାକୁ ମା ଲକ୍ଷ୍ମୀଙ୍କ ଭକ୍ତ ଭାବରେ ମଧ ବିବେଚନା କରାଯାଏ । ତେଣୁ ଘରେ ଏହାର ପ୍ରବେଶକୁ ଶୁଭ ବେଲି କୁହାଯାଉଥିବା ବେଳେ କିଛି କ୍ଷେତ୍ରେରେ ଏହାକୁ ଅଶୁଭ ବୋଲି ମଧ ବିବେଚନା କରାଯାଏ। ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ସମ୍ପର୍କରେ...

**ଘରେ ପାରାର ପ୍ରବେଶ:** ଶକୁନ ଶାସ୍ତ୍ର ଅନୁସାରେ ଘରେ ପାରାର ପ୍ରବେଶକୁ ଶୁଭ ବୋଲି ବିବେଚନା କରାଯାଏ । ତେବେ ଯଦି ଘରର ଛାତ କିମ୍ବା ବାଲକୋନିରେ ପାରା ବସେ ତେବେ ତାକୁ ଖାଇବାକୁ ଦିଅନ୍ତୁ ଏପରି କରିବା ଦ୍ୱାରା ଏହା ଆପଣଙ୍କ ଜୀବନରେ ଥିବା ସମସ୍ତ ଅସୁବିଧା ଦୂର ହେବା ସହ ଜୀବନରୁ ସମସ୍ତ ବାଧା ବିଘ୍ନ ମଧ ଦୂର ହୋଇଥାଏ ।

**ପାରା ଘରେ ବସା କରିବାର ଅର୍ଥ:** ଶାସ୍ତ୍ର ଅନୁସାରେ ପାରା ଘରେ ବସା ତିଆରି କରିବା ଅଶୁଭ ସଂକେତ ଦେଇଥାଏ । ଅନେକ ଥର ପାରା ଘରର ବାଲକୋନି କିମ୍ବା ଛାତ ଉପରେ ଥିବା ସ୍କାଏ ଲାଇଟ୍ ଆଦିରେ ନିଜର ବସା ବାନ୍ଧିଥାନ୍ତି । ଏପରି କରିବା ଦ୍ୱାରା ଘରେ ଅନେକ ସମସ୍ୟା ଆସିବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ମଧ ଦେଖାଦେଇଥାଏ । ଏଥିସହିତ ଆର୍ଥିକ ସ୍ଥିତିରେ ମଧ ଏହା ପ୍ରଭାବ ପକାଇଥାଏ । ତେଣୁ ଘର ଭିତରେ ପାରାର ବସା ରହିବାକୁ ଦିଅନ୍ତୁ ନାହିଁ ।

**ଘର ଭିତରକୁ ଆସୁଥିବା ପାରା :** ଯଦି ପାରା ଘରର ଛାତ-ବାଲକୋନି ଅତିକ୍ରମ କରି ଭିତରକୁ ପ୍ରବେଶ କରେ, ତେବେ ଏହା ଦେବୀ ଲକ୍ଷ୍ମୀଙ୍କ ଆଶୀର୍ବାଦର ସଙ୍କେତ ଅଟେ । ଶାସ୍ତ୍ର ଅନୁସାରେ ଏହାର ଅର୍ଥ ହେଉଛି ତୁମ ଜୀବନରେ ଅନେକ ସୁଖ ଏବଂ ସମୃଦ୍ଧ ହେବାକୁ ଯାଉଛି । ତେଣୁ ଘରକୁ ପ୍ରବେଶ କରୁଥିବା ପାରାକୁ ଖାଇବାକୁ ଦିଅନ୍ତୁ କିନ୍ତୁ ପାରାକୁ ଘରେ ବସା ତିଆରି କରିବାକୁ ଦିଅ ନାହିଁ ।

# ଚନ୍ଦ୍ରଗ୍ରହଣ ସମୟରେ ଭୁଲରେ କରନ୍ତୁ ନାହିଁ ଏହି କାମ



ଦେବାଭିଷେକ ପୂର୍ଣ୍ଣିମାରେ ଆଜି ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ଲାଗିବାକୁ ଯାଉଛି । ଆଜି ରାତି ୧୦ଟା ୩୭ମିନିଟରୁ ଆରମ୍ଭ ହୋଇ ୨ଟା ୪୨ ପର୍ଯ୍ୟନ୍ତ ରହିବ ଏହି ଚନ୍ଦ୍ରଗ୍ରହଣ । ଏହା ପୂର୍ଣ୍ଣଗ୍ରହଣ ନହୋଇ ଉପଛାୟା ଚନ୍ଦ୍ରଗ୍ରହଣ ହେବ । ଉପଛାୟା ଚନ୍ଦ୍ରଗ୍ରହଣ ହୋଇଥିବାରୁ କୌଣସି ନୀତିରେ ବାରଣ ନଥିବା କୁହାଯାଇଛି । ଏଥିଲାଗି ହାଣ୍ଡିଛାଡ ହେବନି କି ଦେଶନୀତି ନିଷେଧ ହେବନି ।

ଏହି ଗ୍ରହଣରେ ଚନ୍ଦ୍ରମା ମିଥୁନ ରାଶିରେ ହେବ ଓ ନକ୍ଷତ୍ର ପୂର୍ଣ୍ଣବସୁ ରହିବ । ମିଥୁନ ରାଶିର ଲୋକେ ଚନ୍ଦ୍ରଗ୍ରହଣ ସମୟରେ ସାବଧାନରେ ରହିବା ଜରୁରୀ । ତେବେ ଚନ୍ଦ୍ରଗ୍ରହଣ ସମୟରେ କିଛି ଖାସ୍ କାମ ନକରିବାକୁ କୁହାଯାଇଥାଏ । ଆସନ୍ତୁ ଜାଣିବା ସେହି କାର୍ଯ୍ୟ ସର୍ମ୍ପକରେ..

– ଗ୍ରହଣ ସମୟରେ ଦେବପୂଜା ନିଷେଦ୍ଧ କରାଯାଇଥାଏ । ଏହି କାରଣରୁ ଗ୍ରହଣ ସମୟରେ ମନ୍ଦିରର କବାଟ ବନ୍ଦ କରାଯାଇଥାଏ । କିନ୍ତୁ ଏହି ସମୟରେ ଆପଣ ଶିବଲିଙ୍ଗର ପୂଜା କରିପାରନ୍ତି ।

– ଗ୍ରହଣ ସମୟରେ କୌଣସି ଶୁଭ କାର୍ଯ୍ୟ କରିବା ଉଚିତ୍ ନୁହେଁ । କୁହାଯାଏ କି, ଗ୍ରହଣ ସମୟରେ କରାଯାଇଥିବା ଶୁଭ କାମର ବିପରୀତ ଫଳ ହୋଇଥାଏ ।

– ଚନ୍ଦ୍ରଗ୍ରହଣ ସମୟରେ ପ୍ରକୃତି ଅଧିକ ସମ୍ବେଦନଶୀଳ ହୋଇଥାଏ । ଏହି କାରଣରୁ ଗ୍ରହଣ ସମୟରେ ଗଛ, ଫୁଲ ଓ ପତ୍ରକୁ ତୋଳିବା ବା ଓପାଡିବା କଥା ନୁହେଁ ।

– ଜ୍ୟୋତିଷଶାସ୍ତ୍ର ଅନୁସାରେ, ଚନ୍ଦ୍ରଗ୍ରହଣ ସମୟରେ ନଖ ଓ କେଶ କାଟିବାକୁ ଅଶୁଭ କୁହାଯାଏ ।

# ଏହି ଲୋକମାନେ ଭୁଲରେ ବି ଖାଆନ୍ତୁ ନାହିଁ ପିନଟ ବଟର



ଆଜିକାଲି ଲୋକେ ଆଧୁନିକ ଜୀବନଶୈଳୀରେ ବଞ୍ଚିବାକୁ ଅଧିକ ପସନ୍ଦ କରୁଛନ୍ତି । ଫଳରେ ସେମାନେ ବିଭିନ୍ନ ପ୍ରକାର ବାହାର ଖାଦ୍ୟକୁ ନିଜ ଡେଲି ରୁଟିନରେ ସାମିଲ କରୁଛନ୍ତି । ଯେଉଁ କାରଣରୁ ପରବର୍ତ୍ତୀ ସମୟରେ ସେମାନଙ୍କୁ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ତେବେ ଏହି ଆଧୁନିକ ଖାଦ୍ୟ ମଧ୍ୟରୁ ଗୋଟିଏ ହେଉଛି ପିନଟ ବଟର । ଯାହାକି ବାଦାମରୁ ପ୍ରସ୍ତୁତ ହୋଇଥାଏ । ଏଥିସହିତ ଏଥିରେ ଭରପୁର ମାତ୍ରାରେ ପୋଷକ ତତ୍ତ୍ୱ ରହିଥାଏ । ନିକଟରେ ଏହି ପିନଟ ବଟର ଖାଇବାର ଚଳନୀ ଦ୍ରୁତ ଗତିରେ ବୃଦ୍ଧି ପାଇବାର ଲାଗିଛି । ଯଦି ଏହି ବ୍ୟକ୍ତିମାନେ ପିନଟ ବଟର ସେବନ କରନ୍ତି ତେବେ ସେମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ। ବର୍ତ୍ତମାନ ଆସନ୍ତୁ ଜାଣିବା କେଉଁ ବ୍ୟକ୍ତିମାନଙ୍କୁ ଏହା ସେବନ କରିବାକୁ ବାରଣ କରାଯାଏ ।

**କଲେଷ୍ଟ୍ରଲ ସମସ୍ୟା ଥିବା ବ୍ୟକ୍ତି:** ସ୍ୱାସ୍ଥ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ଯେଉଁ ବ୍ୟକ୍ତିମାନଙ୍କର ହାଇ କୋଲେଷ୍ଟ୍ରଲ କିମ୍ବା ଖରାପ କୋଲେଷ୍ଟ୍ରଲର ସମସ୍ୟା ଅଛି ସେମାନେ ପିନଟ ବଟର ସେବନ କରିବା ଉଚିତ୍ ନୁହେଁ । କାରଣ ଏଥିରେ ଥିବା ନ୍ୟୁଟ୍ରିୟନ୍ସ କୋଲେଷ୍ଟ୍ରଲ ମାତ୍ରାକୁ ବଢାଇ ଦେଇଥାଏ । ଫଳରେ ହୃଦୟ ଜନିତ ସମସ୍ୟା ମଧ ସୃଷ୍ଟି ହୁଏ ।

**ମେଦବହୁଳ ବ୍ୟକ୍ତି:** ଯେଉଁ ବ୍ୟକ୍ତିମାନେ ମେଦବହୁଳତାର ଶିକାର ହୋଇଥାନ୍ତି ସେମାନେ ଭୁଲରେ ବି ପିନଟ ବଟର ସେବନ କରନ୍ତୁ ନାହିଁ । କାରଣ ଏଥିରେ ଥିବା ପୋଷକ ତତ୍ୱ ମେଦବହୁଳତାକୁ ବୃଦ୍ଧି କରିବାରେ ସାହାଯ୍ୟ କରେ । ଫଳରେ ଆଣଙ୍କ ମୋଟାପଣ ଅଧିକ ବଢିଯାଏ । ତେଣୁ ମେଦବହୁଳତା ସମସ୍ୟାରେ ପିଡିତ ଥିବା ବ୍ୟକ୍ତିମାନେ ପିନଟ ବଟର ସେବନ ଠାରୁ ଦୂରେଇ ରୁହନ୍ତୁ ।

**କିଡନୀ ଜନିତ ସମସ୍ୟା:** ଯେଉଁ ବ୍ୟକ୍ତିମାନଙ୍କର କିଡନୀ ଜନିତ ସମସ୍ୟା ରହିଛି ,ସେମାନେ ଏହି ପିନଟ ବଟର ସେବନ ଠାରୁ ଯଥା ସମ୍ଭବ ନିଜକୁ ଦୂରେଇ ରଖନ୍ତୁ । କାରଣ ଏଥିରେ ଥିବା ପୋଷକ ତତ୍ତ୍ୱ କିଡନୀ ପାଇଁ ମଧ ବିପଜ୍ଜନକ ହୋଇପାରେ । ଯେଉଁ କାରଣରୁ କିଡନୀ ଜନିତ ସମସ୍ୟା ଦେଖାଦିଏ ।

# ଚକ୍ଷୁ ପାଇଁ ଯୋଗ

ଆଖି ପାଇଁ ରହିଛି ବିଭିନ୍ନ ପ୍ରକାର ଯୋଗ ଏବଂ ବ୍ୟାୟାମ । ଏହା ନିୟମିତ କରିବା ଦ୍ୱାରା ଦୃଷ୍ଟିଶକ୍ତି ଭଲ ରହେ । ଏହାଦ୍ୱାରା ଆଖିପତା ଓ ଚକ୍ଷୁର ବାହାର ମାଂସପେଶୀକୁ ଅଧିକ ମାତ୍ରାରେ ରକ୍ତ ସଂଚାଳନ ହୋଇଥାଏ ।

**ଶୀର୍ଷାସନ:** ମୁଣ୍ଡ ତଳକୁ କରି ଗୋଡ ଉପରକୁ କରିବା ସହ ଏହି ଆସନ କରାଯାଇଥାଏ । ଏହାଦ୍ୱାରା ଚକ୍ଷୁ ଭିତରକୁ ରକ୍ତ ସଂଚାଳନ ହୁଏ । ଯାହାକି ଅନ୍ୟାନ୍ୟ ଉପଯୋଗିତା ସହ ଚକ୍ଷୁକୁ ସୁସ୍ଥ ରଖେ । ଏହା ଯୁବାବସ୍ଥାରେ କରିବା ଭଲ । ଉଚ୍ଚ ରକ୍ତଚାପ ଭୋଗୁଥିବା ରୋଗୀ ଓ ବାର୍ଦ୍ଧକ୍ୟ ଅବସ୍ଥାରେ ଏହି ଆସନ କରିବା ଅନୁଚିତ । ଏହାଦ୍ୱାରା ଚକ୍ଷୁ ଭିତର ଦୁର୍ବଳ ଶିରାପ୍ରଶିରାରୁ ରକ୍ତସ୍ରାବ ହେବାର ସମ୍ଭାବନା ଥାଏ ।

**ବଜ୍ରାସନ:** ବଜ୍ରାସନ ଦୃଷ୍ଟିଶକ୍ତିରେ ସୁସ୍ଥତା ଆଣିଥାଏ । ତେବେ ଏହା ଅଧିକ ଲାଭପ୍ରଦ ହୁଏ । ଏହି ଆସନରେ ବସି ମୁହଁକୁ ଖୋଲାକରି ଜିଭକୁ ଆଗକୁ ଆଣନ୍ତୁ ଏବଂ ଉପରକୁ ଚାହାନ୍ତୁ । ୧୦ ସେକେଣ୍ଡ ପରେ ଜିଭକୁ ଭିତରକୁ ନେଇ ମୁହଁ ବନ୍ଦ କରି ଆଖିକୁ ଧୀରେ ବନ୍ଦକରି ୨୦ ସେକେଣ୍ଡ ରଖନ୍ତୁ । ଏହି କ୍ରିୟାକୁ ୫ ରୁ ୬ ଥର କରନ୍ତୁ । ଏହି ଆସନ ବ୍ୟତୀତ ଯୋଗମୁଦ୍ରାସନ, ପଦ୍ମାସନ ଏବଂ ସର୍ବାଙ୍ଗାସନ ଚକ୍ଷୁକୁ ସୁସ୍ଥ ରଖିଥାଏ । ସାକାଳୁ ଉଠି ପାପୁଲି ଘଷି ଆଖିରେ ହାଲ୍‌କା ସ୍ପର୍ଶ ଦିଅନ୍ତୁ । ପରେ ପରେ ଆଖିରେ ପାଣି ଛାଟନ୍ତୁ । ଏହା ଆଖିକୁ ପରିଷ୍କାର ଏବଂ ସୁସ୍ଥ ରଖେ ।

# କାଗଜ କିମ୍ବା ପ୍ଲାଷ୍ଟିକ୍ କପ୍‌ରେ ଚା ପିଉଛନ୍ତି କି ? ସତର୍କ ରୁହନ୍ତୁ ନଚେତ ଚାଲିଯାଇପାରେ ଦୃଷ୍ଟି ଶକ୍ତି

ଆପଣ ଦୋକାନରେ ମୁଖ୍ୟତଃ କାଗଜ କପରେ କିମ୍ବା ପ୍ଲାଷ୍ଟିକ କପରେ ଚାହା ପିଉଥିବେ । ଆପଣ ଜାଣନ୍ତି କି, ଏହିସବୁ ଗ୍ଲାସରେ ପିଇବା ଦ୍ୱାରା ଶରୀର ଉପରେ ଏହାର କେତେ କୁପ୍ରଭାବ ପଡେ । କେବଳ ଏତିକି ନୁହେଁ, ଏହା ଲୋକଙ୍କୁ ଅନ୍ଧ ମଧ କରିପାରେ । ଆମେ ଏହା କହୁନାହୁଁ କିନ୍ତୁ ଆଇଆଇଟି ଖଡଗ୍‌ପରୁର ଅନସୁନ୍ଧାନକାରୀମାନେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ଦେଇଛନ୍ତି । ଉଲ୍ଲେଖନୀୟ କଥା ହେଉଛି, ଆଜିର ସମୟରେ ଅଧିକାଂଶ ଲୋକ ଗ୍ଲାସରେ ଚା ଏବଂ କଫି ପିଇବାକୁ ବାରଣ କରନ୍ତି । ଯଦି ଦୋକାନୀମାନେ ଗ୍ଲାସରେ ଚା ଦିଅନ୍ତି, ଲୋକମାନେ ଏହାକୁ ପିଇବାକୁ ମନା କରନ୍ତି । ଅନ୍ୟ ପଟେ, ଯଦି ଦୋକାନୀ ଏକ ବ୍ୟବହାର ଯୋଗ୍ୟ କାଗଜ କପରେ ଚା-କଫି ଦିଅନ୍ତି, ତେବେ ଲୋକମାନେ ଏହାକୁ ଅଧିକ ପସନ୍ଦ କରନ୍ତି । କାରଣ ସେହି କପ୍ ବ୍ୟବହାର ଏବଂ ଫିଙ୍ଗି ଦିଆଯାଏ ।





ଡିସପୋଜେବଲ୍ କପ୍‌ରେ ଚା ଏବଂ କଫି ପିଉଥିବା କିଛି ଲୋକ ବିଶ୍ୱାସ କରନ୍ତି ଯେ, ଦିନକୁ ପ୍ରାୟ ବହୁ ଲୋକ କାଚ ଗ୍ଲାସ୍ ଗ୍ଲାସରେ ଚା ପିଅନ୍ତି । ଆଉ ଦୋକାନୀମାନେ ସେହି ଗ୍ଲାସକୁ ସାଧାରଣ ପାଣିରେ ଧୋଇ ଲୋକମାନଙ୍କୁ ଚା ଏବଂ କଫି ଦିଅନ୍ତି । ଯେଉଁଠାରେ ଥରେ ବ୍ୟବହାର ହେଉଥିବା କପ୍ କେବଳ ଥରେ ବ୍ୟବହୃତ ହୁଏ, ସେଠାରେ ଲୋକ ଏହାକୁ ଅଧିକ ଉପଯୋଗୀ ବୋଲି ଭାବନ୍ତି । କିନ୍ତୁ ଲୋକ ଏହା ଜାଣନ୍ତି ନାହିଁ ଯେ, ପ୍ଲାଷ୍ଟିକ ଗ୍ଲାସର ନିରନ୍ତର ବ୍ୟବହାର ଲୋକଙ୍କ ଆଖି ଆଲୋକ ଛଡ଼ାଇ ନେଇପାରେ । ବାସ୍ତବରେ, ଆଇଆଇଟି ଖଡଗପରୁ ଦ୍ୱାରା କରାଯାଇଥିବା ଏକ ଅନୁସନ୍ଧାନରୁ ଜଣାପଡିଛି ଯେ, ଏହି ବ୍ୟବହାର ଯୋଗ୍ୟ କାଗଜ କପରେ ଗରମ ପାନୀୟ ପିଇବା ଠିକ୍ ନୁହେଁ, କାରଣ ଏହି କାଗଜ କପରୁ ମାଇକ୍ରୋପ୍ଲାଷ୍ଟିକ୍ ସମେତ ଅନେକ କ୍ଷତିକାରକ ପଦାର୍ଥ ମୁକ୍ତ ହୋଇଥାଏ ।

ଅନୁସନ୍ଧାନକାରୀମାନେ ଏହି ଅଧ୍ୟୟନ ପାଇଁ ଦୁଇଟି ପଦ୍ଧତି ଚେଷ୍ଟା କରିଥିଲେ । ଯେଉଁଥିରେ ମାଇକ୍ରୋପ୍ଲାଷ୍ଟିକ୍ ର କଣିକା । ଅନୁସନ୍ଧାନ ରିପୋର୍ଟ କରିଛି ଯେ, ଏହି ମାଇକ୍ରୋପ୍ଲାଷ୍ଟିକ୍ କଣିକା ବିଷାକ୍ତ ପଦାର୍ଥର ବାହକ ଭାବରେ କାର୍ଯ୍ୟ କରଥିାଏ । ଏଥିମଧରେ ବିଷାକ୍ତ ଭାରୀ ଧାତୁ ଯେପରକି ପାଲାଡୟିମ, କ୍ରୋମୟିମ, କ୍ୟାଡମୟିମ ଏବଂ ଜୈବିକ ଯୌଗିକ ଅନ୍ତର୍ଭୁକ୍ତ । ଯେତେବେଳେ ଏହି ବିଷାକ୍ତ ପଦାର୍ଥ ଖିଆଯାଏ, ସ୍ୱାସ୍ଥ୍ୟ ପ୍ରଭାବ ବହୁତ ଗମ୍ଭୀର ହୋଇପାରେ । ତେଣୁ ଏହା ସିଧାସଳଖ ମଣିଷର ଦୃଷ୍ଟି ଶକ୍ତି ହ୍ରାସ କରିପାରେ । ତେଣୁ ଆପଣ ଯଦି ଏହିସବୁ କପ ବ୍ୟବହାର କରୁଛନ୍ତି ତେବେ ଏହାକୁ ଆଜି ହିଁ ବ୍ୟବହାର କରିବା ବନ୍ଦ କରନ୍ତୁ ।

# ୫ ହଜାର ବର୍ଷର ପୁରୁଣା ପବ୍ ରେଷ୍ଟୁରାଣ୍ଟ ଆବିଷ୍କାର : ଗୁମ୍ଫା ଭିତରେ ରହିଛି ଏହି ରେଷ୍ଟୁରାଣ୍ଟ



ଦକ୍ଷିଣ ଇରାକର ପ୍ରାୟ ୫ ହଜାର ବର୍ଷ ପୁରୁଣା ଏକ ପବ୍ ରେଷ୍ଟୁରାଣ୍ଟ ଆବିଷ୍କାର ହୋଇଛି । ସେହି ରେଷ୍ଟୁରାଣ୍ଟଟି ମାଟି ତଳେ ଗୁମ୍ଫା ଭିତରେ ଅବସ୍ଥିତ । ସେହି ସ୍ଥାନରେ ଅନେକ କିଛି ଜିନିଷ ଉଦ୍ଧାର ହୋଇଛି । ପଞ୍ଚ ହଜାର ବର୍ଷ ତଳେ ସହରୀ ଜୀବନ କିଭଳି ଥିଲା ସେ ନେଇ ଆହୁରି ଅନେକ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି । ଯୁକ୍ତରାଷ୍ଟ୍ର-ଇଟାଲୀ ଅନୁସନ୍ଧାନୀ ଦଳ ଆଧୁନିକ ସହରର ନାସିରିଆର ଉତ୍ତର-ପୂର୍ବରେ ଥିବା ପ୍ରାଚୀନ ଲାଗାଶର ଏହି ଆବିଷ୍କାର କରିଥିଲେ । ଯାହା ପ୍ରାଚୀନ ଇରାକର ସୁମେରୀୟ ସଭ୍ୟତାର ପ୍ରଥମ ସହରୀ କେନ୍ଦ୍ର ଭାବରେ ପରିଚିତ ଥିଲା ।

**୫ ହଜାର ବର୍ଷ ପୂର୍ବେ ଲୋକେ କିଭଳି ଜୀବନଯାପନ କରୁଥିଲେ:**

ପେନସିଲଭାନିଆ ୟୁନିଭରସିଟି ଏବଂ ପିସା ବିଶ୍ୱବିଦ୍ୟାଳୟର ଏକ ମିଳିତ ଦଳ ଏକ ପ୍ରାଥମିକ ରେଫ୍ରିଜରେଜେସନ୍ ସିଷ୍ଟମ ସାହାଯ୍ୟରେ ଏହି ଧ୍ୱଂସାବଶେଷ ଉଦ୍ଧାର କରାଯାଇଛି । ଯେଉଁଠାରେ ଏକ ବଡ଼ ଚୁଲି, ଖାଇବା

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଯାହାର ଶେଷ ନାହିଁ...

ବହି ଯାଉଥିବା ପାଣିକୁ ବନ୍ଧ ବାନ୍ଧି ଅଳ୍ପ ସମୟ ପାଇଁ ହୁଏତ ଅଟକା ଯାଇପାରେ, ଦୀର୍ଘ ସମୟ ବା ସବୁବେଳ ପାଇଁ ନୁହେଁ – ଏମିତି କିଛି କହି ଯାଇଛନ୍ତି ପୂର୍ବସୂରୀମାନେ। ଯେ କୌଣସି କ୍ଷେତ୍ରରେ ପରାଜୟ, ତାହା ବ୍ୟବସାୟ କ୍ଷେତ୍ରରେ ହେଉ କି କ୍ରୀଡ଼ା ଅଥବା କଳା ବା ରାଜନୀତି କ୍ଷେତ୍ରରେ, ତାହା ମନକୁ ଆଘାତ ତ ଦେଇଥାଏ, ସଙ୍ଗେ ସଙ୍ଗେ ସବୁବେଳେ ମନ ମଧ୍ୟରେ ନିଃଶବ୍ଦରେ ଗୁଞ୍ଜରିତ ମଧ୍ୟ ହେଉଥାଏ । କିନ୍ତୁ କେନ୍ଦ୍ରରେ ଶାସନ କ୍ଷମତାର ନେତୃତ୍ୱ ନେଉଥିବା ବିଜେପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହ ମନ୍ତ୍ରୀ ଅମିତ୍ ଶାହାଙ୍କ ଡବଲ ଇଞ୍ଜିନ୍ ପରାଜୟର ଗ୍ଲାନିକୁ କିପରି ଦେହର ମଳି ଭାବି ଝାଡ଼ିଦେଇ ଆଗକୁ ବଢ଼ିବାକୁ ହୁଏ, ତାହା ଠିକ୍ ଜାଣିଛି । କର୍ଣ୍ଣାଟକରେ ପରାଜୟକୁ ଉପରୋକ୍ତ ଦୁଇ ନେତା ତେଣୁ ଏକ ଦୁଃସ୍ୱପ୍ନ ଭାବି ଭୁଲିଯାଇ ଆଗକୁ ଆଗେଇ ଯିବାକୁ ବର୍ତ୍ତମାନଠାରୁ ନିଷ୍ପତ୍ତି ନେଇ ଯାତ୍ରା ଆରମ୍ଭ କରି ସାରିଲେଣି କହିଲେ ଅତ୍ୟୁକ୍ତି ହେବନାହିଁ । ସେଥିପାଇଁ ତାଙ୍କ ଦଳ ବିଜେପି ଆଗାମୀ ନିର୍ବାଚନଗୁଡ଼ିକରେ ତା'ର ଲକ୍ଷ୍ୟକୁ ହାସଲ କରିବା ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଏବଂ ବିସ୍ତୃତ ଯୋଜନା କରି ଲୋକମାନଙ୍କ ନିକଟରେ ପହଞ୍ଚିବା ସହିତ ସେମାନଙ୍କ କୌଶଳର ପୁନରାବଲୋକନ କରିବା ନିମନ୍ତେ ଏକ ଡ୍ରଇଂ ବୋର୍ଡ ନିକଟରେ ବସି ନିଜର ସଂଗଠନକୁ ଆହୁରି ମଜଭୁତ କରିବାକୁ ସ୍ଥିର କରି ସାରିଲାଣି । ସୂଚାଇ ଦିଆଯାଇପାରେ ଯେ ଚଳିତ ବର୍ଷ ଆଗାମୀ ଦିନମାନଙ୍କରେ ଦଳକୁ ମଧ୍ୟପ୍ରଦେଶ, ଛତିଶଗଡ଼, ତେଲେଙ୍ଗାନା ଏବଂ ରାଜସ୍ଥାନରେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେବାକୁ ଥିବା ବେଳେ ଆସନ୍ତା ବର୍ଷ ହରିୟାନାରେ ନିର୍ବାଚନର ସମ୍ମୁଖୀନ ହେବାକୁ ପଡ଼ିବ । ଉଲ୍ଲେଖଯୋଗ୍ୟ ଯେ ଏସବୁ ରାଜ୍ୟର ନିର୍ବାଚନ ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏମିତି ନୁହେଁ ଯେ ଏହି ରାଜ୍ୟମାନଙ୍କ ନିମନ୍ତେ ଦଳ ପାଖରେ ଯୋଜନା ନାହିଁ; ବରଂ ପ୍ରତ୍ୟେକ ରାଜ୍ୟ ପାଇଁ ଏହା ନିକଟରେ ସ୍ୱତନ୍ତ୍ର ଏବଂ ବଳିଷ୍ଠ ଯୋଜନାମାନ ରହିଛି ବୋଲି କୁହାଯାଇପାରେ, ତେବେ ଅନେକଗୁଡ଼ିଏ ପ୍ରସଙ୍ଗ ଏହା ସାମ୍ନାରେ ରହିଛି ଯାହାକୁ ଆଗାମୀ ଦିନମାନଙ୍କରେ ଦଳ ସମ୍ମୁଖୀନ ହେବ । ମଧ୍ୟପ୍ରଦେଶରେ ଶିବରାଜ ସିଂହ ଚୌହ୍ୱାନଙ୍କ ନେତୃତ୍ୱାଧୀନ ବିଜେପି ସରକାରର ଅଧା ଅବଧିର ଶାସନ- କାଳ ବିରୋଧରେ କର୍ଣ୍ଣାଟକ ଭଳି ପ୍ରଚାର ଅଭିଯାନ ଆରମ୍ଭ କରି ସାରିଲାଣି । ଏହି ରାଜ୍ୟରେ ପୂର୍ବର ନିର୍ବାଚିତ ସରକାରକୁ ହରାଇ ବିଜେପି କ୍ଷମତାକୁ କବ୍ଜା କରିଥିବାରୁ କଂଗ୍ରେସ ବିଜେପି ସରକାର ବିରୋଧରେ ନିଜର କ୍ରୋଧକୁ ପ୍ରକାଶ କରିବା ପାଇଁ ଦୁର୍ନୀତିକୁ ମୁଖ୍ୟ ଆୟୁଧ କରି ଚୌହ୍ୱାନ ସରକାରର ପତନ ଘଟାଇବାକୁ ଉଦ୍ୟମ କରୁଛି । ଛତିଶଗଡ଼ରେ କଂଗ୍ରେସ ରାଜ୍ୟବାସୀଙ୍କୁ ଏକ ସ୍ଥିର ସରକାର ପ୍ରଦାନ କରିଛି। ଏହି ରାଜ୍ୟରେ ଦଳ ଲୋକମାନଙ୍କୁ ନିର୍ବାଚନ କାଳରେ ପ୍ରଦାନ କରିଥିବା ପ୍ରତିଶ୍ରୁତିଗୁଡ଼ିକ ମଧ୍ୟରୁ ଅଧିକାଂଶ, ବିଶେଷକରି ଜନକଲ୍ୟାଣମୂଳକ ପଦକ୍ଷେପଗୁଡ଼ିକ ବାବଦରେ ଭୂପେଶ ବାଘେଲଙ୍କ ସରକାର ଅଧିକ ସଂଖ୍ୟକ ପ୍ରତିଶ୍ରୁତି ପୂରଣ କରିବା ସହିତ ଲୋକମାନଙ୍କୁ ଏକ ସ୍ଥିର ସୁଶାସନ ପ୍ରଦାନ କରିଛି ।କର୍ଣ୍ଣାଟକ ନିର୍ବାଚନ ପରେ ରାଜ୍ୟର କଂଗ୍ରେସ ନେତାମାନଙ୍କ ମଧ୍ୟରେ ଏକ ବୁଝାମଣା କରିବାର ଉଦ୍ୟମ କରାଯାଇଛି ଏବଂ ଏହା ସଫଳ ହେବା ପରେ ବେଶ୍ କିଛି ଦିନ ହେବ ଏଥିରେ ଉନ୍ନତି ଦେଖା ଯାଇଛି, ତେବେ ନିର୍ବାଚନ ସମୟରେ ଯେ ଏହା ପୁଣିଥରେ ମୁଣ୍ଡ ନ ଟେକିବ, ତାହା କହିହେବ ନାହିଁ । ତେଣୁ ଏମିତିରେ ବି କିଛି ମାତ୍ରାରେ ଗୋଳିଆ ହୋଇ ସାରିଥିବା ପାଣି ଯଦି ସେତେବେଳେ ଅଧିକ ଗୋଳିଆ ହୁଏ, ତା'ହେଲେ ବିଜେପି ପାଇଁ ବାଳିଆ ମାରିବାକୁ ସୁଯୋଗ ମିଳିଯିବ। ହରିୟାନାରେ ବିଜେପି ପାଇଁ ହାତରେ ଦୀର୍ଘ ସମୟ ରହିଛି ପ୍ରସ୍ତୁତି କରିବାକୁ, କିନ୍ତୁ କୁସ୍ତିଯୋଦ୍ଧା ପ୍ରସଙ୍ଗଟି ଏହି ରାଜ୍ୟରେ ବେଶ୍ ଭାବପ୍ରବଣତା ସୃଷ୍ଟି କରିଛି । ତା' ସହିତ ରହିଛି ଜାତିଗତ ଅଙ୍କକଷା ଏବଂ କୃଷକମାନଙ୍କ ବିକ୍ଷୋଭର ସ୍ମୃତି ଯାହା ବିଜେପି ପାଇଁ ନିର୍ବାଚନକୁ ଅଧିକ ସଂଘର୍ଷପୂର୍ଣ୍ଣ କରିବ। ତେଲେଙ୍ଗାନାରେ କିନ୍ତୁ ଦଳ ପାଇଁ ଭିନ୍ନ ଧରଣର ଆହ୍ୱାନ ରହିଛି । ଏହା ଏକ ଦକ୍ଷିଣ ଭାରତୀୟ ରାଜ୍ୟ ଏବଂ ଏଠାରେ ଦଳକୁ ଆଞ୍ଚଳିକ ଦଳ ବିଆର୍ଏସ୍ ସହିତ ପୁନରୁତ୍ଥାନ ଲାଭ କରିଥିବା କଂଗ୍ରେସକୁ ମିଶାଇ ତିନିଟିକିଆ ଘୋଡ଼ା ଦୌଡ଼ରେ ଭାଗ ନେବାକୁ ହେବ । କହିବା ବାହୁଲ୍ୟ, ଏକ ନିର୍ଦ୍ଦିଷ୍ଟ ଦଳର ଆଭ୍ୟନ୍ତରୀଣ କାର୍ଯ୍ୟ ଏବଂ ବ୍ୟାପାର ହେବା ବାଦ୍ ସବୁ ଦଳ ନିର୍ବାଚନକୁ ଦୃଢ଼ ଭାବରେ ସମ୍ମୁଖୀନ ହେବା ଉଚିତ ଏବଂ ଯେ କୌଣସି ଗୋଟିଏ କି ଦୁଇଟି ରାଜ୍ୟରେ ପରାଜୟ ସେମାନଙ୍କୁ ହତୋତ୍ସାହିତ କରି ଦେଇଥବାକୁ ପ୍ରଦର୍ଶନ କରିବା ସ୍ପୃହଣୀୟ ନୁହେଁ । ବରଂ ଯେଉଁ ରାଜ୍ୟରେ ରାଜନୀତିକ ଦଳଟିଏ ପରାଜୟ ବରଣ କରି ବିରୋଧୀ ଦଳର ଆସନରେ ବସେ, ସେଠାରେ ସମ୍ପୃକ୍ତ ଦଳ ନିଜକୁ ତଥା ଲୋକମାନଙ୍କୁ କହିବା ଉଚିତ ଯେ ଏହାକୁ ଲୋକମାନେ ଏକ ନୂଆ ଭୂମିକା ଦେଇଛନ୍ତି ନିର୍ବାହ କରିବାକୁ ଏବଂ ଏହା ତାହା କରିବାକୁ ସକ୍ଷମ ହେବ । ଆଶା କରାଯାଏ, କଂଗ୍ରେସ ତଥା ଅନ୍ୟାନ୍ୟ ବିରୋଧୀ ଦଳମାନେ ଏବଂ ବିଜେପି ଏଇ ମନୋଭାବ ନେଇ ଆଗାମୀ ସମୟ ନିର୍ବାଚନଗୁଡ଼ିକରେ ଅବତୀର୍ଣ୍ଣ ହେବେ।

# ଫୁଲୁରି ତେଲ

## ଦିଲ୍ଲୀପ କୁମାର ସାହୁ





ଏବେ ମହାପ୍ରଭୁ ଅନବସରରେ। ସ୍ନାନ ପୂର୍ଣ୍ଣିମାରେ ପ୍ରତ୍ୟକ୍ଷ ସ୍ନାନ କରି ଚତୁର୍ଦ୍ଧା ମୂର୍ତ୍ତୀ ଜ୍ୱରରେ ପୀଡିତ। ଅଣସର ଘରେ ଚାଲିଛି ଗୁପ୍ତରେ ଦିଅଁ ମାନଙ୍କର ସେବା ସୁଶ୍ରୃଷା। ଜ୍ୱର ଯନ୍ତ୍ରଣା ଉପଶମ ପାଇଁ ଆଷାଢ଼ କୃଷ୍ଣ ପଞ୍ଚମୀରୁ ଆରମ୍ଭ ହୁଏ ଦିଅଁ ମାନଙ୍କ ଦେହରେ ଫୁଲୁରି ତେଲ ଘଷା।

ଫୁଲୁରି ତେଲକୁ ମଧ କୁହାଯାଏ ଶ୍ରୀତୈଳ । ଏହା ଏକ ଆୟୁର୍ବେଦିକ ମହୋଷଧି ଯାହାକି ପାରମ୍ପରିକ ପଦ୍ଧତି ରେ ପ୍ରସ୍ତୁତ କରାଯାଇଥାଏ। ଏହାକୁ ପ୍ରସ୍ତୁତ କରିଥାନ୍ତି ଓଡ଼ିଆ ଭାଗବତର ପ୍ରଣେତା ଜଗନ୍ନାଥ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ବଡ଼ ଓଡ଼ିଆ ମଠ । ଏବର୍ଷ ଯେଉଁ ଫୁଲୁରି ତେଲ ବ୍ୟବହାର ହୁଏ ତାହା ଗତ ବର୍ଷଠାରୁ ପ୍ରସ୍ତୁତ କରାଯାଇ ଗୁପ୍ତ ରେ ରଖାଯାଇଥାଏ।

ଫୁଲୁରି ତେଲ ପ୍ରସ୍ତୁତ ପାଇଁ ଆବଶ୍ୟକ ହୋଇଥାଏ ପ୍ରାୟ ଛଅ ସେର ବିଶୁଦ୍ଧ ଘଣା ରାଶି ତେଲ । ନବକଳେବର ବର୍ଷ କିନ୍ତୁ ଦୁଇଗୁଣ ରାଶିତେଲ ଆବଶ୍ୟକ ହୋଇଥାଏ। ରାଶିତେଲରେ ମିଶାଯାଏ ଚଉଦ ପ୍ରକାରର ଋତୁକାଳୀନ ସୁଗନ୍ଧ ଯୁକ୍ତ ଫୁଲ।

ସେଗୁଡିକ ମଧ୍ୟରେ ଯୁଇ,ଜାଇ, କିଆ, କେତକୀ, ଚମ୍ପା,ବଉଳ, ମଲ୍ଲି, ମାଳତୀ ଓ ହେନା ଇତ୍ୟାଦି ଅନ୍ୟତମ।ଏହା ସହିତ କୃଷ୍ଣ ଭୋଗ ଧାନ ଓ ବେଣା ଚେର ଏବଂ ଚନ୍ଦନ, ଅଗରୁ ଆଦି ମଧ ସେହି ତେଲରେ ମିଯାଏ। ଏହା ପରେ ସେସବୁକୁ ଦୁଇଟି ମାଟି ଠେକିରେ ଭର୍ତ୍ତି କରାଯାଇ ମଠର ଏକ ଗୁପ୍ତ ସ୍ଥାନରେ ହେରାପଞ୍ଚମୀ ଦିନ ପୋତି ଦିଆଯାଏ।

ପ୍ରାୟ ବର୍ଷେ କାଳ ମାଟି ତଳେ ପୋତି ହୋଇ ରହେ ଠେକି ଦୁଇଟି। ତା ପରବର୍ଷ ଠିକ୍ ସ୍ନାନ ପୂର୍ଣ୍ଣିମାର ପୂର୍ବ ଦିନ ଅର୍ଥାତ୍ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ମାଟି ତଳୁ ଠେକି ଦୁଇଟିକୁ କଢାଯାଇ ମଠର ଏକ ଗୁପ୍ତ କୋଠରୀରେ ରଖାଯାଏ।

ସ୍ନାନ ପୂର୍ଣ୍ଣିମାର ପାଞ୍ଚ ଦିନ ପରେ, ଆଷାଢ଼ କୃଷ୍ଣ ପଞ୍ଚମୀ ଦିନ ତେଲକୁ ଛଣାଯାଇ ଦୁଇଟି ମାଟି ପାତ୍ରରେ ରଖାଯାଏ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ସରିବାପରେ ଦୁଇଟି ବଡ କୋଡୁଆରେ ସେହି ତେଲକୁ ପଶ୍ଚିମ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପଠାଯାଏ। ଦଇତାପତି ମାନେ ସେହି କୋଡୁଆ ଦୁଇଟିକୁ ଗ୍ରହଣ କରନ୍ତି ଓ ଅଣସର ଘରେ ରଖନ୍ତି।

ପତିମହାପାତ୍ର କୋଡୁଆରୁ ତୈଳକୁ ତିନିଗୋଟି ରୁପା ପିଙ୍ଗଣ ବା ପାତ୍ରକୁ ନିଗାଡନ୍ତି ଓ ତାହାକୁ ନେଇ ମନ୍ତ୍ର ଉଚ୍ଚାରଣ ପୂର୍ବକ ସଂସ୍କାର କରନ୍ତି। ସଂସ୍କାର ହୋଇଥିବା ସେହି ଫୁଲୁରି ତେଲକୁ ରାତ୍ରିରେ ଦଇତାପତି ମାନେ ଚତୁର୍ଦ୍ଧା ମୂର୍ତ୍ତୀଙ୍କ ସର୍ବାଙ୍ଗରେ ଲେପନ କରିଥାନ୍ତି। କଥା ଅଛି ଏହାଦ୍ୱାରା ଦିଅଁ ମାନଙ୍କ ଯନ୍ତ୍ରଣା ଉପଶମ ହୋଇଥାଏ ଓ ସେମାନେ ସୁସ୍ଥ ହେବାକୁ ଲାଗନ୍ତି।

ଜୟ ଜଗନ୍ନାଥ।


ଶଙ୍କରପୁର,
ଚାରବାଟିଆ, ଚୌଦ୍ୱାର


# ଘର ଭିତରେ ଠାକୁର ଘର

## ପଙ୍କଜ କୁମାର ପାଣିଗ୍ରାହୀ






ଆଜି ସମୟରେ ଘରଟିଏ ତିଆରି କରିବାକୁ ହେଲେ ଯନ୍ତ୍ରୀ, ତନ୍ତ୍ରି ଓ ମନ୍ତ୍ରୀଙ୍କ ଆବଶ୍ୟକତା ଅନୁଭବ ଏକ ସାଧାରଣ ବିଷୟ !

ଏ ତିନିଙ୍କ ମତକୁ ନେଇ ପ୍ରସ୍ତୁତ କରିବାକୁ ପଡିଥାଏ ଆମ ନୂତନ ଘରର ନକ୍ସା !

ଠାକୁର ଘର ଏକ ଅନିବାର୍ଯ୍ୟ ରହିଥିବା ବେଳେ ତା'ର ବାସ୍ତବତା କ'ଣ...??!

ଅତ୍ୟନ୍ତ ସାଧାରଣ କଥା ଆଜି ସମୟର ଯେ ନୂତନ ଗୃହଟିଏ ତିଆରି କରିବାକୁ ହେଲେ ପ୍ରଥମେ ନକ୍ସା ପ୍ରସ୍ତୁତ କରାଯାଇ ଥାଏ । ନକ୍ସା ପ୍ରସ୍ତୁତକାରି ଜଣେ ଯନ୍ତ୍ରୀ (ଇଞ୍ଜିନିଅର) ହୋଇଥା'ନ୍ତି । ନକ୍ସାରେ କ'ଣ ତୃଟି ରହିଛି କିମ୍ବା ଶାସ୍ତ୍ରୀୟ ହିସାବରେ ବିଭିନ୍ନ ସୁବିଧା ଅସୁବିଧା ତଥା ଭବିଷ୍ୟ ଉନ୍ନତି ଗୁଡିକୁ ସମୀକ୍ଷା କରିଥା'ନ୍ତି ତନ୍ତ୍ରି (ବାସ୍ତୁସାଧକ) ଏବଂ ତା' ପରେ ଘରଟିକୁ ପ୍ରତିଷ୍ଠା କରିଥା'ନ୍ତି ମନ୍ତ୍ରୀ (ମନ୍ତ୍ର ଉଚ୍ଚାରଣକାରୀ- ବ୍ରାହ୍ମଣ) । ଏକଥା ସର୍ବଜ୍ଞାତ ବିଷୟ । ଘରର ନକ୍ସା ଆମ ମନ ମୁତାବକ ହୋଇଥାଏ ଯେଉଁଥିରେ ଗୋଟିଏ ଠାକୁର ଘର ରହିବା ଅତ୍ୟନ୍ତ ଅନିବାର୍ଯ୍ୟ ହୋଇପଡେ ଘରର ରକ୍ଷକ ତଥା ମହିଳାଙ୍କ ଆତ୍ମସନ୍ତୋଷ ପାଇଁ । କେତେକ କ୍ଷେତ୍ରରେ ପୁରୁଷଙ୍କୁ ସେସବୁର ନିତାନ୍ତ ଆବଶ୍ୟକତା ରହୁନଥିବା ବେଳେ ପ୍ରାୟତଃ ୯୯ ଶତକଡାରୁ ଅଧିକ ମହିଳା ତାହା ପ୍ରତି ନିଷ୍ଠିତ ଧ୍ୟାନ ଦେଇଥା'ନ୍ତି ଯେ ଠାକୁର ଘରଟି ହେବ କେମିତି । ବିଚ୍ଚର କରି ଦେଖିବା ଯେ ଘର ଭିତରେ ଠାକୁର ଘରଟିଏ ମଣିଷର ଜୀବନ ଚର୍ଯ୍ୟାରେ ମଙ୍ଗଳ ସାଧିତ କରିଥାଏ କି ଅମଙ୍ଗଳ! ଆଉ ଠାକୁର ଘରଟିଏ ଘର ଭିତରେ ରଖି ଆମେ ଠାକୁରଙ୍କର ମର୍ଯ୍ୟାଦା ବୃଦ୍ଧି କରିଥାଉ ନା ତାଙ୍କ ପ୍ରତି ତାହା ଏକ ତାଚ୍ଛଲ୍ୟ, ଅପମାନ ସୂଚକ କାର୍ଯ୍ୟ ହୋଇଥାଏ ! ସାଧାରଣ ମଣିଷ ନିଜସ୍ୱ ବାସଗୃହ ମଧ୍ୟରେ ମନ୍ଦିରଟିଏ ସ୍ଥାପନ କରି ଭଗବାନଙ୍କୁ ଆୟତ୍ତାଧିନ କରି ରଖିବା ଭଳି ଅସାଧାରଣ କାର୍ଯ୍ୟର ପରିଣାମ କ'ଣ ହୋଇଥାଏ...?!

ପୂର୍ବ ସମୟରେ ହିନ୍ଦୁ ମାନଙ୍କୁ ଠାକୁର ପୂଜା କରିବାକୁ ହେଲେ ମନ୍ଦିରକୁ ଯିବାକୁ ପଡୁଥିଲା । ଆଜି କି'ନ୍ତୁ ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ମଣିଷର ସେହି ସମୟ ଆଉ ନାହିଁ ଯେ ଠାକୁର ପୂଜା କରିବା ପାଇଁ ଖାଲି ପାଦରେ ଅନେକ ଦୂର ଚ୍ଚଲି ଚ୍ଚଲି ଯିବାକୁ ପଡିବ ମନ୍ଦିରକୁ । ଅତ୍ୟାଧୁନିକ ମଣିଷ ଦୁନିଆର ସମସ୍ତ ବିଷୟ, ତଥ୍ୟ, ତତ୍ତ୍ୱକୁ ନିମିଷକ ମଧ୍ୟରେ ନିଜ ହାତପାଆନ୍ତାରେ କରାୟତ କରି ପାରୁଥିବା ବେଳେ ଠାକୁରଙ୍କୁ ମଧ ଆୟତ୍ତାଧିନ କରି ରଖିବାରେ କାହିଁକି ସମର୍ଥ ହେବ ନାହିଁ ?! ତେଣୁ ଯେକୌଣସି ବର୍ଣ୍ଣ, ପ୍ରଜାତିର ମଣିଷଙ୍କ ଘର ଭିତରେ ଠାକୁର ଘରଟିଏ କରି ଇଚ୍ଛା ମୁତାବକ ଦେବା ଦେବୀଙ୍କୁ ଆୟତ୍ତ କରି ରଖିଥିବା ଦେଖିବାକୁ ମିଳିବ ଆଜି ସମୟରେ ଯାହା ପୂର୍ବରୁ ହୋଇପାରୁ ନଥିଲା । ସେତେବେଳେ ଠାକୁରଙ୍କୁ କାକୁତି ମିନତୀ ହୋଇ ପ୍ରାର୍ଥନା କରି ଆଶୀର୍ବାଦ ଭିକ୍ଷା କରାଯାଉଥିଲା । ଆଜି କି'ନ୍ତୁ ଜବରଦସ୍ତି ଘର ଭିତରେ ନିଜ ପାଖରେ ରଖି ବଳପୂର୍ବକ ଆଶୀର୍ବାଦ ହାସଲ କରିବା ଲକ୍ଷ ରଖି ଏମିତି କରାଯାଉଥିବା ଅନୁଭବ ହେଉଛି ଏହିସବୁ ଅନୈତିକ କାର୍ଯ୍ୟକଳାପ ଗୁଡିକୁ ଦେଖିଲେ । ପୂର୍ବକାଳ ସମୟର ଲୋକଙ୍କ ସେତିକି କ୍ଷମତା ନଥିଲା ବୋଲି ସେମାନେ ସେମିତି କରିପାରୁ ନଥିଲେ, ଆଉ ବର୍ତ୍ତମାନ ସମସ୍ତଙ୍କ କ୍ଷମତା ବୃଦ୍ଧି ହୋଇଯାଇଥିବା ହେତୁ ଠାକୁର ମାନଙ୍କୁ ନିଜ ଘର ଭିତରେ ବନ୍ଦୀ କରି ରଖାଯାଇ ପାରୁଛି ନା ଆଉ କିଛି ରହସ୍ୟ ରହିଛି ତନ୍ମଧ୍ୟରେ ବିଚ୍ଚର କରି ଦେଖିବା...

ମନ୍ଦିରଟିଏ ତିଆରି କରି କୌଣସି ଧାତବ କିମ୍ବା କାଷ୍ଠ / ପାଷାଣ ନିର୍ମିତ ମୂର୍ତ୍ତିଟିଏ ଉପସ୍ଥାପନା କରିଦେଲେ ତାକୁ ମନ୍ଦିର ବୋଲି କୁହାଯାଇ ପାରିବ ନାହିଁ, ଯେ ପର୍ଯ୍ୟନ୍ତ ସେହି ନିର୍ଜୀବ ମୂର୍ତ୍ତିଟିକୁ ପ୍ରାଣ ପ୍ରତିଷ୍ଠା କରାଯାଇ ନାହିଁ । ଏହି କଥା ଆମ ନିଜସ୍ୱ ବକ୍ତବ୍ୟ ନୁହେଁ ବରଂ କେବଳ ହିନ୍ଦୁ ଧର୍ମ ସଂସ୍କୃତି ଆଧାରିତ, ଯାହା ହୁଏତ ସମସ୍ତେ ଜାଣିଥିବେ । ସର୍ବମଙ୍ଗଳ ଉଦ୍ଦେଶ୍ୟରେ ମନ୍ଦିର ନିର୍ମାଣ କରାଯାଇ ଭକ୍ତଙ୍କୁ ଆରାଧନା କରିବା ସୁଯୋଗ ଦିଆଯାଉଥିଲା ଯାହା ପାରିବାରିକ କ୍ଷେତ୍ର ଠାରୁ ଆରମ୍ଭ କରି ରାଷ୍ଟ୍ର ତଥା ବିଶ୍ୱ ମଙ୍ଗଳ ଦିଗରେ କାର୍ଯ୍ୟ କରିବା ଲକ୍ଷ ରହିଥିଲା ଆମ ପୂର୍ବଜଙ୍କ । ମନ୍ଦିର ପରିସର ମଧ୍ୟରେ ବ୍ୟାପକ ନିୟମ ସହିତ ଅତ୍ୟନ୍ତ ସ୍ୱଚ୍ଛ ପରିବେଶ ରହିଥିଲା ଯେଉଁଠି ଅଶୌଚ ପ୍ରବେଶ ସମ୍ପୂର୍ଣ୍ଣ ନିଷେଧ ଥିଲା । ଏମିତିକି କୌଣସି ଅଶୌଚ ପରିସ୍ଥିତିରେ ମନ୍ଦିର ସମ୍ମୁଖ କିମ୍ବା ପାର୍ଶ୍ୱ ଦେଇ ଗତି କରିବା ମଧ ବାରଣ ଥିଲା ଯାହା ସମସ୍ତ ହିନ୍ଦୁ ଧର୍ମାବଲମ୍ବୀ ଅତ୍ୟନ୍ତ ମାନ୍ୟତାର ସହିତ ଗ୍ରହଣ / କାର୍ଯ୍ୟକାରୀ କରୁଥିଲେ । କେବଳ ଶୁଦ୍ଧପୂତ ହୋଇ ମନ୍ଦିର ମଧ୍ୟରେ ପ୍ରବେଶ କିମ୍ବା ବେଢ଼ା ପରିକ୍ରମା କରୁଥିଲେ ହିନ୍ଦୁ ଧର୍ମାବଲମ୍ବୀ। ପାରିବାରିକ ଜନ୍ମ / ମୃତ୍ୟୁ, ମହିଳାଙ୍କ ମାସିକ ଧର୍ମ ତଥା ଗ୍ରହଣ, ପରାଗ ଭଳି ଅନେକ ଅଶୌଚ ସମୟରେ ଶାରୀରିକ ଅଶୁଦ୍ଧତା ହେତୁ ମନ୍ଦିର ପରିସର ମଧ୍ୟରେ କିମ୍ବା ପାର୍ଶ୍ୱରେ ଉପସ୍ଥିତି ସମ୍ପୂର୍ଣ୍ଣ ବାରଣ ରହିଥିଲା କେବଳ ଶୁଦ୍ଧପୂତ ନହେବା ପର୍ଯ୍ୟନ୍ତ ଶରୀର । ଏହା ସମସ୍ତ ହିନ୍ଦୁ ଧର୍ମାବଲମ୍ବୀ ମାନ୍ୟତାର ସହିତ ଗ୍ରହଣ କରିଥିଲେ ଏବଂ ତଦନୁଯାୟୀ କାର୍ଯ୍ୟ ମଧ କରୁଥିଲେ ଯାହା ଆଜି ଆଉ ଦେଖିବାକୁ ମିଳୁନାହିଁ । କାରଣ କ'ଣ...??

ହୁଏତ ଉପସ୍ଥିତ ସମୟରେ ହିନ୍ଦୁ ଧର୍ମାବଲମ୍ବୀ ଆଉ ପୂର୍ବ ସଂସ୍କୃତି ଗୁଡିକୁ ଉପଯୁକ୍ତ ମାନ୍ୟତା ଦେଉନାହାନ୍ତି ? ନା ନିଜ ଆର୍ଥିକ କ୍ଷମତାର ଅଭିବୃଦ୍ଧି ହେତୁ ଭଗବାନଙ୍କୁ ଆଉ ଖାତିରି କରୁନାହାନ୍ତି ? ଉତ୍ତର ବିହୀନ ଅନେକ ପ୍ରଶ୍ନ ?! ହେଲେ ସମାଜକତା କାରଣରୁ ଭଗବାନଙ୍କୁ କି'ନ୍ତୁ ପୂଜା କରୁଛନ୍ତି ନିଶ୍ଚିତ । କି ପ୍ରକାର ମାନ୍ୟତା ଏହା ଯେ ଯେଉଁ ଠାକୁରଙ୍କୁ ଅଶୌଚ ଛାୟା ପଡିଗଲେ ଠାକୁର ଅପବିତ୍ର ହୋଇଯିବେ, କ୍ଷୁବ୍ଧ ହୋଇ ଅଭିଶାପ ଦେବେ ବୋଲି ରହିଥିବା ମାନ୍ୟତାକୁ ଆଜି ଏତେ ହତାଦର / ବେଖାତିରି ?!


ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ମୋ: ୯୪୩୭୩୨୪୯୧୭





## କାନ୍ଦୁଛି ଜଙ୍ଗଲ

### ରମେଶ ଚନ୍ଦ୍ର ନାୟକ



ହୃଦେ ଧରି ନିଆଁ କାନ୍ଦୁଛି ଜଙ୍ଗଲ
ମୋତେ ଜାଳ ନାହିଁ ବୋଲି କହୁଛି,
ମୁଣ୍ଡ ପାତି କରି ନେହୁରା ହୋଇକି
କାଟ ନାହିଁ ଆଉ ହାତ ଯୋଡୁଛି ।

ଦିଅ ନାହିଁ କଷ୍ଟ କୋଳରେ ଆଶ୍ରିତ
ପଶୁ ପକ୍ଷୀ କୀଟ ଅଛନ୍ତି ଯେତେ,
ବଣ ଗଲେ ଜଳି ଦୁନିଆ ଉଜୁଡି
ଯିବ ଭାବ ଥରେ ବିଚାରି ଚିତେ ।

ସ୍ୱାର୍ଥପର ହୁଅ ନାହିଁ ହେ ମାନବ
କର ନାହିଁ କ୍ଷତି ନିଜେ ନିଜର,
ପ୍ରକୃତି କୋଳରେ ଭରେ ସବୁଜିମା
ପରିବେଶ ରଖେ ସଫା ସୁତର ।

ଛୁଟି ଆସିଥାନ୍ତି କେତେ ପର୍ଯ୍ୟଟକ
ରୂପ ସୌନ୍ଦର୍ଯ୍ୟତା ଦେଖିବା ପାଇଁ,
ଝରଣା ପାହାଡ଼ ପଶୁ ପକ୍ଷୀ ରଡ
ଯିଏ ଶୁଣେ ମନ ଲାଗି ରହଇ ।

ଜୀବନ ଜୀବିକା ରହିଥିବ ଚାଲି
ପ୍ରଶ୍ୱାସରେ ନେବ ବିଶୁଦ୍ଧ ବାୟୁ,
ଜଙ୍ଗଲ ରହିଲେ ଜଗତ ବଞ୍ଚିବ
ବଢ଼ି ଯିବ ପରା ସଭିଙ୍କ ଆୟୁ ।

ଜୀବ ସୁରକ୍ଷିତ ପରିବେଶ ସୁସ୍ଥ
ରଖିବା ପାଇଁକି କର ପ୍ରୟାସ,
ନିଆଁ ନ ଲଗାଇ ଗଛ ଲଗାଇଲେ
ସଭିଏଁ ସୁଖରେ କରିବେ ବାସ ।


ଦରଭା, କୟାଁ,
ମଙ୍ଗଳପୁର, ଯାଜପୁର
ମୋ : ୭୯୭୮୧୫୧୭୧୦


## ଅଶାନ୍ତ ଲୌହଦାନବ

### ବିବୁଲ ମହାକୁର



ଆଜି ସମୁଦ୍ର ଅଶାନ୍ତ, ଜୀବନ ନିଷ୍ଚଳ
ମଣିଷ ରକ୍ତରେ,
ଭାଗ୍ୟ ଓ କର୍ମ ଆଜି ଲୌହ ଦାନବ
ନିମିଶକେ ଗିଳିଦେଲା ଶହଶହ
ଜୀବନ
ପିଇଗଲା ସମୁଦ୍ରଏ ରକ୍ତ
ସତେ ବା କେଉ ଜନ୍ମର ତୃଷା
ମେଣ୍ଟାଇ ଦେଲା କେଉ କ୍ଷଣରେ।
କଉଠି ମୁଣ୍ଡ କଉଠି ଗଣ୍ଡି
କଉଠି ଗୋଡ଼ କଉଠି ଚପଲ,
ସତେବା ମାଟି କଣ୍ଢେଇ
କିଏ ଆସି ଯୋଡ଼ି ଦେଇଯିବ।
ବାପା ଆଜି ପୁଅକୁ ଖୋଜେ
ଶବ ସମୁଦ୍ରରେ
ମନର କୋହ ଆଖିର ଲୁହ
ହୃଦୟରେ ବାଷ୍ପୀଭୂତ କରି।
ଛିନ୍ନ ମସ୍ତକ ବିଦୀର୍ଣ୍ଣ ଶରୀର
ପାଣି ପରି ରକ୍ତ
ପରିଚୟ ପାଇବ କିପରି
ବାପକୁ ଦେଖି
ଶବ କୋଳେଇ ଦେବ କି!
ଝିଅକୁ ଦେଖି
ମୁଣ୍ଡ ଆଉଁସେଇ ଦେବ କି!

ଭାଙ୍ଗିଗଲା ମହାର୍ଘ୍ୟର ଶଙ୍ଖା
ରକ୍ତରେ ଲିଭିଗଲା ରକ୍ତିମ ସିନ୍ଦୂର
ଆଶାର ବସା ଭାଙ୍ଗି
ଉଡିଗଲା କି ସ୍ୱପ୍ନ ପକ୍ଷୀ।
ସମ୍ପର୍କ ଆଜି ଛିନ୍ନ ଭିନ୍ନ
ନବଜାତକର ବି ଆଜି ଶେଷ ଦିନ,
ମୃତ୍ୟୁ ପରେ ବି ପରିଚୟ ଖୋଜେ
କୋକେଇର ଚାରିକାନ୍ଧ ପାଇଁ।
କିଏ ପରିଚୟ ଦେଇପାରେ
କିଏ ଦେଇ ପାରେନି
ନା ଆଜି ଅଛି କହିବାର ଶକ୍ତି
ନା ଅଛି ସହିବାର ସାମର୍ଥ୍ୟ
ତଥାପି ଆପଣାର ଅପେକ୍ଷାରେ।
ଆଜି ସବୁ ଶବ ଏକାକାର
ଜାତି - ଧର୍ମ - ବର୍ଣ୍ଣ ଠୁ ଉର୍ଦ୍ଧ୍ୱରେ
ମିଶେଇ ଦିଅନ୍ତି ନିଜ ନିଜ ରକ୍ତକୁ
ମାନବିକତାର ଅଶ୍ୱମେଧରେ।


ଗ୍ରାମ/ପୋଷ୍ଟ - ବୁର୍ଡ଼ା
ଥାନା - ଲୋଇସିଂହା
ଜିଲ୍ଲା - ବଲାଙ୍ଗୀର
ମୋ: ୮୨୪୯୭୦୨୨୫୨


## ଖରାକୁ

### ଧ୍ରୁବ ଚରଣ ଘିବେଲା

ଖରାକୁ ଅନେକ ଦିଶନ୍ତି ମଳିନ
ଶ୍ରୀହୀନ
ହେଲେ କୃଷ୍ଣଚୂଡ଼ାଠି
ଖରା ସମ୍ପୂର୍ଣ୍ଣ ପ୍ରଭାବଶୂନ୍ୟ
ଦାଉ ସାଧିପାରିନଥାଏ ନିଦାଘ
ବରଂ ଖରାକୁ କୃଷ୍ଣଚୂଡ଼ା ଯେମିତି
ଘଷିମାଜି ହୋଇ ଆଉରି ଝଟକେ
ତା' ଅନନ୍ୟ ଆଭା
ତାର ନାଲି ନାଲି ହସ
ଦିଶେ ଦୂରୁ ଦୁଇ କୋଶ ।

ତେବେ କୃଷ୍ଣଚୂଡ଼ାଠି
ଖରା ହାର ମାନେ ଯେମିତି
ତୁମଠି ବି ଖର ଖରା ହାର
ମାନିଥାଏ ସେମିତି
ତୁମେ ଖରାକୁ ଦିଶୁନ
ଜମା ମଳିନ
ଓଲଟା ଖରା ତୁମକୁ ଡରେ ବୋଧେ
କୃଷ୍ଣଚୂଡ଼ା ଭଳି ତୁମେ
ଆଉରି ଝଟକୁ ଥାଅ
ଦିଶୁଥାଅ ନାଲି ଟହଟହ
ବର୍ଷାଦିନର ସେଇ
ନାଲି ଟୁକୁଟୁକୁ ସାଧବବୋହୂ ଭଳି ।


ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬


## ବାଲି

### ମାଧୁରୀ ନନ୍ଦ

ମୁଦାଆଖିରେ ବି ମୁକୁଳି ଯାଉଛି
ପିଲାଦିନ
ଛୁଟିଦିନସବୁ ଛିଟ ପ୍ରଜାପତି ପରି।

ସେଇ ଛିଟ ପ୍ରଜାପତିଉଡ଼ା
ଛୋଟ ଛୋଟ ଦିନପୁଂଜାଆଡେ
ଅନାଇଲେ
ଧୂଳି ଆଉ ବାଲିର ଭୂଚିତ୍ର।
ବାଲି ତ ବହଳ ଭୂଇଁ
ଯା' ଉପରେ ଆଙ୍କିହୁଏ ଅନେକ
ଅଙ୍କାବଙ୍କା ଛବି
ହେଲେ କେବେ ବି ସେ ବହି
ହେଇପାରେନା।
ବାଲିକୁ ଭାତକରି ରାନ୍ଧିହୁଏ
ଷଢେଇରେ
ହେଲେ ଭୋକ ମରେନା କି ପେଟ
ଭରେନି
ନିଜକୁ ନିଜେ ପୋଖତ ରାନ୍ଧୁଣୀ
ସଜାଏ ମିଛିମିଛିକା ।

ଗାଁ ଦାଣ୍ଡର ଛାତିକୁ ବର୍ଷା ଧୋଇ
ଦେଉଥିଲା ବେଳେ
ବାଲିବନ୍ଧ ବନ୍ଧେଇ ଅନେକବାର
କାଗଜ ଡଙ୍ଗା ଭସେଇଛି
ହେଲେ କେବେ କେହି ସାଜିନି ମୋ
ସପନ ବଣିକ।

ବାଲି
ପ୍ରେମିକା ପରି ଛାତିଟେ
ସଜାଏ ନିଜକୁ ବେଳାଭୂଇଁ କରି
ହେଲେ ନା ମେଣ୍ଟେ ତୃଷ୍ଣା ନା
ବାନ୍ଧିପାରେ ବାହୁରେ
ଆଜୀବନ ଆକୁଳତାର ଲତପତ
ଶୂନ୍ୟଶଯ୍ୟାରେ।

ନଈ ସହ ବହିପାରେ
ପବନ ସହ ଉଡିପାରେ
ହେଲେ ନିଆଶୀ ଆଜୀବନ
ପଡିରହେ ପାଷାଣୀ ପରି କୋହକୁ
ଜଡେଇ।

ପିଲାଦିନ ଆଜି ଅନେକ ପଛରେ
ବାଲିଘର ବଦଳରେ ସତସତିକା
ବାଲି, ଇଟା ଆଉ ସିମେଣ୍ଟରେ
ଗଢିଛି ଘର
ହେଲେ ଶୁଭୁନି ସାଙ୍ଗସାଥୀଙ୍କ
କଳରୋଳ
ସରାଗଭରା ସେ ସମୟର ସ୍ୱର।


ଭୀମପୁରା, ବାଲେଶ୍ୱର

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୯୦)

## ରାବଣ ବଂଶ ଚରିତ-୨



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

କୁବେର ନିଜ ତପସ୍ୟା ବଳରେ ବର ପ୍ରାପ୍ତ ହେଲେ ଓ ବିଶ୍ରବା ଋଷିଙ୍କ ପରାମର୍ଶକ୍ରମେ ସେ ଯାଇ ଲଙ୍କା-ନଗରୀରେ ଅବସ୍ଥାନ କଲେ। କୁବେର ଲଙ୍କା-ନଗରୀକୁ ବେଶ୍ ଉନ୍ନତ କଲେ। ତାଙ୍କ ସମ୍ପଦ ଭିତରେ ଥିଲା ପୁଷ୍ପକ ବିମାନ। ଯାହା ସାହାଯ୍ୟରେ ସେ ବିଶ୍ୱ ବ୍ରହ୍ମାଣ୍ଡ ବୁଲି ସବୁ ସମ୍ପତ୍ତିର ରକ୍ଷଣା ବେକ୍ଷଣା କାମ କରୁଥିଲେ। ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ଶ୍ରୀରାମଙ୍କ ସୂର୍ଯ୍ୟବଂଶ ବିବରଣୀ ପରି ରାବଣଙ୍କ ବଂଶ ଚରିତ ବେଶ ଲମ୍ବା। ତେବେ ଆମେ କେବଳ ତାଙ୍କ ମାତାଙ୍କଠାରୁ ଆମ ବର୍ଣ୍ଣନାକୁ ସୀମିତ ରଖିବ।



ରାକ୍ଷସ ସୁମାଳୀଙ୍କ କନ୍ୟା ଥିଲେ ନିକଷା। ଥରେ ସୁମାଳୀ କୁବେରଙ୍କୁ ତାଙ୍କର ପୁଷ୍ପକ ବିମାନରେ ଯିବାର ଦେଖିଥିଲେ। ତାଙ୍କର ତେଜ ଓ ଐଶ୍ୱର୍ଯ୍ୟ ଦେଖି ସୁମାଳୀ ତାଙ୍କ ବଂଶରେ ସେହିପରି ଜଣେ ପୁରୁଷଙ୍କର କାମନା କରିଥିଲେ। ପରେ ସେ କୁବେରଙ୍କ ସମ୍ପର୍କରେ ସବୁ କଥା ଜାଣିଥିଲେ ଓ ଋଷି ବିଶ୍ରବାଙ୍କ କୃପାରୁ କୁବେର ଏ ସବୁ ପାଇଥିବା କଥା ଜାଣିଥିଲେ। ସୁମାଳୀ ରାକ୍ଷସ ନିଜ କନ୍ୟା ନିକଷାଙ୍କୁ ଏକ କଥା କହିଥିଲେ ଓ ଋଷି ବିଶ୍ରବାଙ୍କୁ ଧ୍ୟାନ କରି ତାଙ୍କ ବିବାହ କରିବାକୁ ପ୍ରବର୍ତ୍ତାଇ ଥିଲେ।

ନିକଷା ବିଶ୍ରବା ଋଷିଙ୍କ ଆଶ୍ରମକୁ ଯାଇ ତାଙ୍କୁ ପ୍ରାର୍ଥନା କରିଥିଲେ ଓ ତାଙ୍କୁ ବିବାହ କରିବାକୁ ଇଚ୍ଛା ପ୍ରକଟ କରିଥିଲେ। ନିକଷାଙ୍କ ମୂଳ ଲକ୍ଷ୍ୟ ଥିଲା ଜଣେ ଧାର୍ମିକ ଓ ବୀରପୁତ୍ର ସନ୍ତାନ ପାଇବାକୁ। ମାତ୍ର ତାଙ୍କର ବିଶ୍ରବା ଋଷିଙ୍କ ଔରସରୁ ପ୍ରଥମ ସନ୍ତାନର ଦଶମୁଣ୍ଡ ଥିଲା ଓ ସେ ବହୁତ ଭୟଙ୍କର ଥିଲା। ତାର ନାମ ଦଶାନନ ଦିଆଗଲା। ନିକଷାଙ୍କ ଗର୍ଭରୁ ଅନ୍ୟ କିଛି ପୁତ୍ର ଓ କନ୍ୟା ଜନ୍ମ ହୋଇଥିଲେ। ସେମାନେ ହେଲେ ବିଭୀଷଣ, କୁମ୍ଭକର୍ଣ୍ଣ ଓ ସୂର୍ପଣଖା।

ଦଶାନନ ଜଣେ ଋଷିଙ୍କ ପୁତ୍ର ଥିଲେ। ସେ ଜଣେ ରାକ୍ଷସୀଙ୍କ ଗର୍ଭରୁ ଜନ୍ମ ହୋଇଥିଲେ। ସେଥିଲାଗି ତାଙ୍କ ଭିତରେ ସୁସ୍ୱଭାବ ଓ କୁସ୍ୱଭାବ ସମାନ ଭାବରେ ଥିଲା। ବର୍ଷ ବର୍ଷ ଧରି ତପସ୍ୟା କରି ସେ ବ୍ରହ୍ମାଙ୍କଠାରୁ ବ ର ପ୍ରା ପ୍ତ ହୋଇଥିଲେ ଓ ବେଶ୍ ବଳଶାଳୀ ହୋଇଥିଲେ। ସେ ବେଦଜ୍ଞ ବ୍ରାହ୍ମଣ ପରିଥିଲେ ଓ ନିହାତି ଅତ୍ୟାଚାରୀ ଅହଂକାରୀ ରାକ୍ଷସ ମଧ୍ୟ ଥିଲେ। ବ୍ରହ୍ମାଙ୍କଠାରୁ ବର ପାଇ ସେ ପ୍ରଥମେ କୁବେରଙ୍କଠାରୁ ଲଙ୍କା ଛଡ଼େଇ ଆଣିଥିଲେ ଓ ତାଙ୍କ ପୁଷ୍ପକ ବିମାନକୁ ନିଜର କରିଥିଲେ। ନିଜ ବଳରେ ସେ ସାରା ସଂସାରକୁ ଭୀତତ୍ରସ୍ତ କରିଥିଲେ ଓ ନିଜକୁ ସବୁଠାରୁ ଅଧିକ ଶକ୍ତିଶାଳୀ ବୋଲି ଭାବୁଥିଲେ।

କୁବେରଙ୍କଠାରୁ ଲଙ୍କାପୁର ଛଡ଼େଇ ନେଇ ରାବଣ ଲଙ୍କା-ରାଜ୍ୟର ରାଜା ହେଲେ। ରାଜା ହେବାମାତ୍ରେ ସେ ଲଙ୍କାର ଆହୁରି ଉନ୍ନତି କଲେ।

ରାବଣ ଓ ଅନ୍ୟ ଭାଇ ଭଉଣୀଙ୍କର ବୟସ ହୋଇ ଯାଇଥିଲା। ପ୍ରଥମେ ସେ ଭଉଣୀ ସୁର୍ପଣଖାର ବିଭାଘର ରାକ୍ଷସ ବିଦ୍ୟୁଜିହ୍ୱା ସହିତ କରାଇଲେ।

ଥରେ ସେ ଜଙ୍ଗଲରେ ବୁଲିଲାବେଳେ ମୟ ରାକ୍ଷସ ଓ ତାଙ୍କ ସୁନ୍ଦରୀ କନ୍ୟାଙ୍କ ସହିତ ଦେଖାହେଲା। ମୟ ରାକ୍ଷସ ଦଶାନନଙ୍କ ବିଷୟରେ ଜାଣିବାପରେ ତାଙ୍କ କନ୍ୟାକୁ ଦଶାନନଙ୍କ ହାତରେ ସମର୍ପି ଦେଇଥିଲେ। ପରେ ପରେ ସେ ଭାଇ କୁମ୍ଭକର୍ଣ୍ଣ ଓ ବିଭୀଷଣଙ୍କ ବିବାହ ମଧ୍ୟ କରିଥିଲେ। କାଳକ୍ରମେ ରାବଣଙ୍କ ପତ୍ନୀ ମନ୍ଦୋଦରୀ ଇନ୍ଦ୍ରଜିତଙ୍କୁ ଜନ୍ମ ଦେଇଥିଲେ।

ଦଶାନନ ନିଜ ବଳର ଅହଂକାରରେ ଥରେ କୈଳାସ ପର୍ବତକୁ ଉପାଡ଼ିବାକୁ ଚେଷ୍ଟା କରିଥିଲେ। ରାବଣର ଏ କାର୍ଯ୍ୟକଳାପ ମହାଦେବଙ୍କୁ ଜଣାପଡ଼ିଲା ଓ ସେ ସଂଗେ ସଂଗେ ଗିରିକୁ ଟେକିବାକୁ ଚେଷ୍ଟା କରୁଥିବା ଦଶାନନର ହାତକୁ ଗିରି ତଳେ ଚାପିଦେଲେ। ଦଶାନନକୁ ବହୁତ କଷ୍ଟ ହେଲା ଓ ସେ ଉଚ୍ଚସ୍ୱରରେ ରାବ କରି ଶିବଙ୍କୁ ପ୍ରାର୍ଥନା କଲା। ତା ସ୍ତୁତିରେ ମହାଦେବ ଖୁସି ହେଲେ ଓ ତା ହାତକୁ କୈଳାସଗିରି ତଳୁ ବାହାର କରିଦେଲେ। ଦଶାନନ ରାବ କରି ଯେଉଁ ସ୍ତୁତି କରିଥିଲା ସେଥିରେ ଶିବ ପ୍ରସନ୍ନ ହୋଇଥିଲେ। ସେ ଦଶାନନର ନାମ ରାବଣ ରଖିଥିଲେ। ରାବଣ ସେଇଦିନଠାରୁ ଶିବଙ୍କର ଜଣେ ବଡ଼ଭକ୍ତ ହୋଇଥିଲା।

ଘୋର ତପସ୍ୟା କରି ରାବଣ ଅନେକ ସିଦ୍ଧି ପ୍ରାପ୍ତ କରିଥିଲେ। ସେ ଜଣେ ମହାନ୍ ଯୋଦ୍ଧା ଓ ନୀତିବାନ ରାଜା ଥିଲେ। ମାତ୍ର ତାଙ୍କ ରାକ୍ଷସ ପ୍ରବୃତ୍ତି ତାଙ୍କୁ ଅହଂକାରୀ କରିଥିଲା ଓ ସେ ଧର୍ମ ଓ ଅନ୍ୟାୟ ବାଟରେ ଚାଲିଥିଲେ। ଶେଷକୁ ତାଙ୍କର ମୃତ୍ୟୁ ଆପଣଙ୍କ ହାତରେ ହେଲା। ରାବଣର ବଂଶ ଚରିତ ଶୁଣି ଶ୍ରୀରାମ ଚମତ୍କୃତ ହୋଇଥିଲେ। ସବୁ ଯୁଗରେ ଦୁଷ୍ଟ ସଂହାର ପାଇ ବିଷ୍ଣୁ ଅବତାର ନେଇ ଜନ୍ମ ନିଅନ୍ତି। ଶ୍ରୀରାମଙ୍କ ଅବତାର ଦୁଷ୍ଟ ରାକ୍ଷସ ରାବଣର ବଧ ପାଇଁ ଥିଲା।

ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

## ଉଡନ୍ତା ଥାଳିଆ



ନଗେନ୍ଦ୍ର ନାଥ ପଟ୍ଟନାୟକ



ଏବର କଥାଟିଏ, ବାପାମାଙ୍କ ସାଙ୍ଗେ ରହୁଥିବା ପିଲା କେତେଜଣ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ପଂଚମ ଷ୍ଟାଣ୍ଡରେ ଅଧ୍ୟୟନ କରୁଥାନ୍ତି । ଶ୍ରେଣୀକକ୍ଷରେ ହିନ୍ଦୀ କ୍ଲାସ ଚାଲୁଥାଏ । ମିସ୍ କଅଁଳ ପିଲାମାନଙ୍କୁ ପରିବେଶ ବିଷୟରେ ପଢାଉଥାନ୍ତି । ପରିବେଶ ସୁରକ୍ଷା ବାବଦରେ କେତେ କଣ ଜଣା ଅଜଣା କଥା ପ୍ରାଂଜଳ ଭାବରେ ବୁଝାଉଥାନ୍ତି। ଚତୁଃପାର୍ଶ୍ୱରେ ଘେରି ରହିଥିବା ପରିବେଶକୁ କିପରି ସୁରକ୍ଷିତ ରଖିବାକୁ ହେବେ ସେ ସଂପର୍କରେ ପିଲାଙ୍କୁ ପରିଷ୍କାର ଭାବେ ବୁଝାଇ ପରାମର୍ଶ ଦେଉଥାନ୍ତି । ଏତିକିବେଳେ ସ୍କୁଲର ଘଂଟା ବାଜିଉଠିଲା । ଶ୍ରେଣୀରେ ମିସ୍‌ଙ୍କ କ୍ଲାସ ଶେଷ ହୋଇଗଲା ବୋଲି ସୂଚେଇ ଦେଲା ଘଂଟାର ଢାଉଁ ଢାଉଁ ଶବ୍ଦ। ତାପରେ ପଡିଲା ଗଣିତ ସାର୍‌ଙ୍କ କ୍ଲାସ । ଗଣିତ ସାର ଶ୍ରେଣୀକକ୍ଷରେ ପଶିଲାକ୍ଷଣି ନିରବତା ଛାଇ ହୋଇଗଲା । ଫୁସୁରୁଫାସର,ଟୁପୁରୁଟାପର ସବୁ ଠପ୍ । ଗଣିତ ସାର କ୍ଲାସରେ ପାଠ ପଢାଇଲେ । ଜଟିଳ ଗଣିତ କିଛି କଳାପଟାରେ କଷି ପିଲାଙ୍କୁ ବେଶ୍ ପ୍ରାଂଜଳ ଭାବରେ ବୁଝାଇଦେଲେ। ତହୁଁ ଗଣିତ ସାର୍ କହିଲେ-ଆଚ୍ଛା ପିଲାଏ ଶହେରେ ଶହେ ମିଶେଇଲେ କେତେ ହେବ ? ସୁନନ୍ଦା ତୁମ କହିଲ। ସୁନନ୍ଦା ଚଟ୍‌କିନା କହିପକାଇଲା -ଦିଶହ । ସେଉଠୁ ସାର ତା ଆଡୁ ମୁହଁ ଫେରାଇ ଆଣି ପଚାରିଲେ -ଏବେ ଖୁସି ତୁମେ କୁହ। ଖୁସି ସାରଙ୍କୁ ଜବାବ ଦେଉଥିବାବେଳେ ହଠାତ ବାହାରୁ ପାଟିତୁଣ୍ଡ ,କୋଳାହଳ ଶୁଣାଗଲା। ଶ୍ରେଣୀର ସବୁ ଛାତ୍ରଛାତ୍ରୀ ଆଉ ଶିକ୍ଷକ ଶିକ୍ଷୟତ୍ରୀମାନେ ଚଟାପଟ ପଦାକୁ ବାହାରି ଆସିଲେ । ଦେଖିଲେ ବିରାକାୟ ଉଡନ୍ତା ଥାଳିଆ ସେ ସ୍କୁଲ ଲନ୍‌ରେ ଆସି ଅବତରଣ କରୁଛି । ପିଲାଙ୍କ ମଧ୍ୟରୁ କେତେକଙ୍କର ପିଳେହିପାଣି। ଡରରେ ଛାନିଆଁ ହୋଇଗଲେ। ଶିକ୍ଷକମାନେ ତାଟକା ହୋଇ ବଲବଲ ଆଖିରେ ଅନେଇ ରହିଥାନ୍ତି ।

ସେତିକିବେଳେ ପିଲାମାନେ ଦେଖିଲେ ତା ଭିତରୁ ( ଉଡନ୍ତା ଥାଳିଆ ) ବଡ ଅଜବ ପ୍ରାଣୀଟିଏ ବାହାରି ଆସୁଛି। ସେ ଜୀବଟି ଏଡେ ବିଚିତ୍ର ଯେ ତାକୁ ଦେଖିବା ମାତ୍ରେ ପିଲାମାନଙ୍କୁ ଭାରି ହସ ମାଡିଲା। ତା ସାଙ୍ଗକୁ ଡର ବି ଲାଗୁଥାଏ। ସେଇ ଅଦ୍ଭୁତ ପ୍ରାଣୀ ବାଦ୍ ଆଉ ଗୋଟେ ଜୀବ ସେଥିରୁ ବାହାରି ଆସିଲା। ପ୍ରଥମ ପ୍ରାଣୀଟି କେଇଟି ବଟମ ଚିପିଲା । ଏତିକିବେଳକୁ ସୁନନ୍ଦା ପଚାରିଲା - ତମେ କୋଉଠୁ ଆସିଛ। ସେ ପ୍ରାଣୀଟି କହିଲା -ଆମ ଶନିଗ୍ରହରୁ ଆସିଚୁ । ପହିଲେ ମୁଁ ବି ତମମାନଙ୍କ ପରି ଥିଲି। ଆମର ଗ୍ରହ ଧରିତ୍ରୀ ପୂରାପୂରି ସବୁଜିମା ଥିଲା। ଆମେ ସବୁ ଖୁସି ଥିଲେ। ହେଲେ ଲୋକେ ନା ଧରିତ୍ରୀ ମାତାଙ୍କୁ ହେପାଜତରେ ରଖିଲା ନା ପରିବେଶକୁ । ଗଛଲତା ସବୁ କାଟିକୁଟି ପଦା କରିଦେଲେ । ତା ସାଙ୍ଗକୁ ନଦୀ ନାଳ ଝରଣା ପୋଖରୀ ସାଗର ଅଳିଆ ଆବର୍ଜନା ଫିଙ୍ଗି ଅସନା ମଇଳା କରିଦେଲେ। ଆଜି ମୋ ମନ ଭାରି ଦୁଃଖ। ତେଣୁ ଆଜି ମୁଁ ଏଠିକି ଆସିଚି। ଖାସ୍ କରି ତମମାନଙ୍କ ପାଖକୁ। କାହିଁକିନା ତୁମେମାନେ ଏ ସନ ଶିଶୁ ଦିବସ ପାଳନ କରିଛ ଆଉ ପରିବେଶ ସୁରକ୍ଷା ବାବଦରେ ବୁଝାଇଲେ ଏ ବାର୍ତା ସବୁ ଜାଗାକୁ ସହଜରେ ପହଁଚିଯିବ। ଏଇ କେଇପଦ ବାର୍ତା ଦେଇ ସେ ଦୁଇପ୍ରାଣୀ ଉଡନ୍ତା ଥାଳିଆର ବଟମ ଚିପିଲେ। ଦେଖୁ ଦେଖୁ ଉଡନ୍ତା ଥାଳିଆଟି ନେଳିଆ ଆକାଶକୁ ଉଡିଗଲା। କେଡେ ସତକଥା ନ କହିଲେ ସେ ଦୁଇପ୍ରାଣୀ। ସୁନନ୍ଦା କହିଲା ସତରେ ଆମେ କଣ ଧରିତ୍ରୀ ମାତାଙ୍କୁ ବଂଚାଇ ପାରିବା ? ନଦୀ ନାଳ ପୁଷ୍କରଣୀରେ କୁଢ କୁଢ ଅଳିଆ ଆବର୍ଜନା ଜମା ହୋଇ ଫୁରକୁଟିଆ ନାକଫଟା ଦୁର୍ଗନ୍ଧ ବ୍ୟାପି ଯାଉଥିବାବେଳେ ସେ ଜଳରେ ବସବାସ କରୁଥିବା ଜୀବଜନ୍ତୁ ଜୀବନ ବଂଚିବେ କେମିତି। ଏବେକୁ ସେମାନଙ୍କ ଜୀବନ ସଂକଟରେ। ଏଣୁ ଆମେ ସମସ୍ତେ ପରିବେଶ ସୁରକ୍ଷା ବାବଦରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏକାନ୍ତ ଜରୁରୀ ହୋଇପଡିଛି।

+ଓସ୍କାର ସିଟି, ପ୍ଲଟ ନଂ-୪୫୪ ,ଲେନ ନଂ-୯
ଲକ୍ଷ୍ମୀସାଗର କେନାଲ ରୋଡ ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ଇଟିକିଲି ମିଟିକିଲି....

### ରାମଚନ୍ଦ୍ର ବେହେରା

ଇଟିକିଲି ମିଟିକିଲି
ଫୁଟିଗଲା କାଇଁଚ
କାଳ ବୈଶାଖୀ ମାଡି ଆସିଲା
ଭାଙ୍ଗିଲା ଡାଳ ଗଛ।
କମୁନି ଖରା ଶୁଖିଲା ଧରା
ବହୁଛି ଝାଞ୍ଜି ବାଆ
ପାଣି ନପାଇ ବଣୁଆ ପଶୁ
ବୁଲିଲେ ଗାଆଁ ଗାଆଁ।
ବରଷା ରାଣୀ ଆଗମନକୁ
ଚାହିଁ ରହିଛି ଚାଷୀ
ତା'ର ପରଶେ ସାରା ଜଗତେ
ଫେରି ଆସିବ ଖୁସି।
ଇଟିକିଲି ମିଟିକିଲି
ପାଚିଲାଣି ପଣସ
ସୁଆଦ ଲାଗେ ଖାଇଲେ ତାକୁ
ମହକେ ତା'ର ବାସ।
ପାଚିଲା ବେଲ ପଣା ପିଇଲେ
ପେଟ ରୁହଇ ଥଣ୍ଡା
ତରଭୁଜ କୁ ଖାଇଲେ କାଟି
ପାଟିକୁ ଲାଗେ ମିଠା।
ଇଟିକିଲି ମିଟିକିଲି
କମୁନି ଟାଣ ଖରା
ନଦୀ ପୋଖରୀ ଉଦ୍ଭିଦ ପ୍ରାଣୀ
ଖୋଜେ ମୂଷଳ ଧାରା।
ଆସରେ ମିଳି ଗଛ ଲଗେଇ
ଯତନ ନେବା ତା'ର
ଗଛ ବଢିଲେ ବରଷା ହେବ
ବଢ଼ିବ ଜଳସ୍ତର।
ଗଛ ଆମକୁ ଯୋଗାଇ ଦେବ
ସୁଆଦ ଫୁଲ ଫଳ
ଖାଇଲେ ତାକୁ ବଢ଼ିବ ବଳ
ନଥିବ ରୋଗ ଡର।

+ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

କବିତା
ତୁମ ପାଇଁ

## ଆସୁଛି ପରା ରଜ

### ନୀଳମଣି ଚାନ୍ଦ



ରଜପାଇଁ ଆମେ ସବୁ ଆମ
ପିଲାବେଳୁରେ
ପଟା, ଖାଇ,ଚକିରିର ଦୋଳି
କେତେ ଖେଳୁରେ
ଝିଅମାନେ ଦିଅନ୍ତିରେ ଅଳତାଟି ଲଗେଇ
ନିଜ କୁନି ପାଦକୁ ସେ ଦେଇଥାନ୍ତି ରଙ୍ଗେଇ
ଖିଲିପାନ ଖାଇରେ
'ବନସ୍ତେ ଡାକିଲା ଗଜ'
ଗୀତ ଦେଉ ଗାଇରେ।

ସେ ଆସିଲେ ପୋଡ଼ ପିଠା
ଘରେ ହୁଏ ତିଆରି
ଚାଷୀଭାଇ ଯାଏନାହିଁ କ୍ଷେତବାଡି କିଆରୀ
ରଜଭାର ଯାଏ ଝିଅ ଶାଶୁଘର ପାଇଁକି
ପ୍ରବାସୀ ଭାଇଟି ରଜ ପାଇଁ ଥାଏ ଚାହିଁକି
ପିଠାପଣା ହୁଏରେ
ତିନିଦିନ ମନେଇବା କିଏ ହସି କୁହେରେ।

ତାସ୍, ଲୁଡୁ,ପଶାପାଲି ଖେଳ
ଜମେ ଗାଆଁରେ
ଡୁଡୁ ଖେଳିବାକୁ କିଏ କରେନାହିଁ ନା' ରେ
ସଞ୍ଜହେଲେ ଗାଆଁଟିରେ
ହୁଏ ଡ୍ରାମା, ନାଟରେ
ବୁଲାବୁଲି ପାଇଁ ମିଳେ ନାହିଁ ଗାଳି ଛାଟରେ
କି ଧନୀ କି ଗରିବ
ରଜ କହେ ମୁଁ ଆସିଛି ମଉଜ ଯେ କରିବ।

ଆମ୍ବ, ପଣସ ବଜାର ଡାକେ ଗହଗହରେ
ପ୍ରଥମ ଦିନ ପହିଲି ରଜ , ବୋଲି କହରେ
ରଜ ସଂକ୍ରାନ୍ତି ଦ୍ୱିତୀୟ ଦିନଟି ତ ପରାରେ
ଭୂଦାହ ତୃତୀୟ ଦିନ ହସଖୁସି ଭରାରେ
ସେ ପରବ ରଜାରେ
ତା'ର କଥାଟି ଆହୁରି କହିଦେବ ଅଜାରେ।

ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭



## ଶିଶୁଟିଏ ମୁଁ ଶିଶୁଟିଏ

### ସୁନୀଲ କୁମାର ପ୍ରଧାନ

ଶିଶୁଟିଏ ମୁଁ ଶିଶୁଟିଏ
ଛୋଟ ବୋଲିଣ ମନଟିଏ ।
ଶିଶୁଟିଏ ମୁଁ ଶିଶୁଟିଏ
ପରୀ ରାଇଜ ଜହ୍ନଟିଏ ।
ଶିଶୁଟିଏ ମୁଁ ଶିଶୁଟିଏ
ହସ ଖୁସିରେ ମନଥାଏ ।
ଶିଶୁଟିଏ ମୁଁ ଶିଶୁଟିଏ
ମାଳି ବଗିଚାର ଫୁଲଟିଏ ।
ଶିଶୁଟିଏ ମୁଁ ଶିଶୁଟିଏ
ଆକାଶର କୁନି ତାରାଟିଏ ।
ଶିଶୁଟିଏ ମୁଁ ଶିଶୁଟିଏ
ବିଦ୍ୟାଳୟେ ପାଠ ପଢୁଥାଏ ।
ଶିଶୁଟିଏ ମୁଁ ଶିଶୁଟିଏ
ଚାଟଶାଳୀର ଚାଟଟିଏ ।
ଶିଶୁଟିଏ ମୁଁ ଶିଶୁଟିଏ
ମାଆଙ୍କର ଗଳାମାଳିଟିଏ ।

+ଝାଟିପଦର , ପାଲୁର, ଗଞ୍ଜାମ
ମୋ - ୭୬୦୯୯୩୪୩୬୬



## ରଜ ପରବ

### ପ୍ରଦ୍ୟୁମ୍ନ ପଟ୍ଟନାୟକ

ବରଷ କେ ଥରେ ରଜ ପରବ
ଆମ ରାଇଜର ମାନ ଗରବ
କାହିଁ କେଉଁ କାଳୁ ଆସୁଛୁ ପାଳି
ତିନିଦିନ ଧରି ଖେଳୁ ଯେ ଦୋଳି
ଖାଉ ପିଠା ପଣା କେତେ ଦରବ ।
ନୂଆ ଲୁଗା ପଟା ଦେହେ ପିନ୍ଧିଣ
ହେଉ ସଜ ବାଜ ଚିତା ଚନ୍ଦନ
ବୁଲୁ ଗାଆଁ ଗାଆଁ ବନ୍ଧୁ ବାନ୍ଧବ ।
ପିଲା ଠାରୁ ବୁଢ଼ା ଦୋଳିରେ ଝୁଲି
ଗାଉ ରଜ ଗୀତ ସଭିଏଁ ମିଳି
ଏମିତି ମଉଜ କାହିଁ ମିଳିବ ।
ରଜ ପାଳୁ ଥାଉ ତିନୋଟି ଦିନ
ଆକାଶରେ ଘୋଟେ ବାରିଦ ଘନ
ଶେଷେ ବସୁମତୀ ପୂଜା ହୋଇବ
ବରଷ କେ ଥରେ ରଜ ପରବ ।

୧୦୧- ପ୍ରକାଶ ଦୀପ ଟାୱାର, ଜୟ ଦୁର୍ଗା ନଗର, ଭୁବନେଶ୍ୱର -୭୫୧୦୦୬
ମୋ – ୯୯୬୮୨୮୦୮୯୬

## ବନସ୍ତେ ଡାକିଲା ଗଜ

### ନିରଞ୍ଜନ ସାହୁ

ବନସ୍ତେ ଡାକିଲା ଗଜ
ଆଗରେ ଆସୁଛି ରଜ
ଶୁଣ କୁନାକୁନି ମୋ ଭାଇ ଭଉଣୀ
କେମିତି ହୋଇବ ସଜ ।
ରଜ ତିନିଦିନ ପରା
ହେବନାହିଁ ଟାଣ ଖରା
ପୋଡ଼ପିଠା ଖାଇ ଦୋଳି ଗୀତ ଗାଇ
ଦୋଳି ଖେଳି ଆତ୍ମହରା ।
ପିନ୍ଧିବା ପୋଷାକ ନୂଆ
ବୁଲିବା ଯେତେକ ଛୁଆ
ଓଡ଼ିଶା ରାଇଜ ଗଣ ପର୍ବ ରଜ
ରଜ ମଉଛବ ଥୁଆ ।
ମନଟାକୁ ଖୁସି କରି
ଦୋଳି ଖେଳି ମନ ଭରି
ହସି ହସାଇବା ରସି ରସାଇବା
କିଏ ହେବ ଆମ ପରି ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :--- ୯୮୩୮୭୪୧୫୮୩

## ମାମୁଁଘର ଗାଆଁ ରଜ

### ଜଗଦୀଶ ସାହୁ

ପାହାଡ଼ ସେପାଖେ ଆମ୍ବତୋଟା ପାଖେ
ମାମୁଁଘର ଗାଆଁ ମୋର
ସକାଳ ସୂରୁଜ ପହିଲି କିରଣ
ପଡ଼ି ଦିଶେ ମନୋହର !
ମାମୁଁ ଘର ଗାଆଁ ବଡ଼ ପୋଖରୀରେ
ନାନା ରକମର ମାଛ
ମନ ଆନନ୍ଦରେ ଖେଳୁଥାନ୍ତି ସବୁ
ହଲେଇ ହଲେଇ ପୁଚ୍ଛ !
ଜ୍ୟେଷ୍ଠ ଖରାବେଳେ ଆମ୍ବତୋଟା ମାଳେ
ରଜଦୋଳି ଝୁଲୁଥାଇ
ଗାଆଁ ଝିଅବୋହୁ ଦୋଳି ଖେଳୁଥାନ୍ତି
କେଡେ ସଜବାଜ ହୋଇ !
ରଜ ତିନିଦିନ ଭାରି ମଜାଲାଗେ
ଯାତରା ଗହଳି ପାଇଁ
ମାମୁଁ ପୁଅ ସଙ୍ଗେ ଯାତରାକୁ ଯାଉ
ହାତ ଧରାଧରି ହୋଇ !
ଗାଡିଗାଡି ଆମ୍ବ ପଣସ ବିକିରି
ହୁଏ ରଜ ଯାତରାରେ
ସେଇଲାଗି ତାକୁ ପଣସ ଯାତରା
କହନ୍ତି ଆଖପାଖରେ !

+ ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬

# ବାଲି ପାଇଁ ବଢୁଛି ଦୁର୍ଘଟଣା: ବିନା ପାଲରେ ବାଲି, ଗୋଡ଼ି ବୋହିଲେ କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର , ୦୯/୦୬ (ନି.ପ୍ର): ଜାତୀୟ ଓ ରାଜ୍ୟ ରାଜପଥରେ ଜମା ହେଉଥିବା ବାଲି ଲୋକଙ୍କ ଜୀବନ ନେଉଛି। ଓଡ଼ିଶାରେ ଗତ ବର୍ଷକ ମଧ୍ୟରେ ୫୦୨୬ଜଣ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରୁ ବାଇକ୍ ଆରୋହୀ ଓ ଚାଳକଙ୍କ ସଂଖ୍ୟା ୨୧୬୨ ଅର୍ଥାତ୍ ୪୩ ପ୍ରତିଶତ। ଏଥିମଧ୍ୟରୁ ଅଧିକାଂଶ ଦୁର୍ଘଟଣା ବାଲି ଯୋଗୁଁ ହୋଇଛି। ତେଣୁ, ରାଜପଥରେ ଯେପରି ବାଲି ଗଦା ନ ହେବ, ସେଥିପ୍ରତି ଅଣ୍ଟା ଭିଡ଼ିଛି ପରିବହନ ବିଭାଗ। ଏଣିକି ବିନା ପାଲରେ ରାଜପଥରେ ବାଲି, ଗୋଡ଼ି କିମ୍ବା ମେଣ୍ଟାଲ ବୋହିଲେ, ଗାଡ଼ି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ଚେତାବନୀ ଦେଇଛି। ଏହି ନିୟମକୁ କଡ଼ାକଡ଼ି ଲାଗୁ ପାଇଁ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ମାସରେ ଥରେ ଏହାର ସମୀକ୍ଷା କରିବା ସହ କେତେ ଗାଡ଼ିକୁ ଜରିମାନା କରାଯାଇଛି, କେତେ ଟଙ୍କା ଆଦାୟ ହୋଇଛି; ସମସ୍ତ ତଥ୍ୟ ପରିବହନ କମିସନରଙ୍କୁ ଦେବାକୁ କୁହାଯାଇଛି। ଉଦ୍‌ବେଗର ବିଷୟ ଯେ ଏହି ନିୟମ ପୂର୍ବରୁ ବାରମ୍ବାର କଡ଼ାକଡ଼ି କରାଯାଇଥିଲେ ହେଁ ଆଖିଦୃଶିଆ ପଦକ୍ଷେପ ନିଆଯାଇ ନଥିବାରୁ କେହି ମାନୁନାହାନ୍ତି। ଯାଞ୍ଚ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଢିଲାପଣ ଯୋଗୁଁ ସମସ୍ୟା ବଢ଼ିବାରେ ଲାଗିଛି।

# ବ୍ରହ୍ମବରଦା ୩୩/ ୧୧କେଭି ବିଦ୍ୟୁତ୍ ସବଷ୍ଟେସନ ଉଦଘାଟନ ଓ ସଂଶୋଧିତ ଜମି ପଟ୍ଟା ବଂଟନ

ଧର୍ମଶାଳା, ୦୯/୦୬ (ନି.ପ୍ର): ଦୀର୍ଘ ଦିନ ଅପେକ୍ଷାର ଅନ୍ତ ଘଟିଛି । ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଠାରେ ରାଜୀବ ଗ୍ରାମୀଣ ବିଦ୍ୟୁତ୍ ଯୋଜନାରେ ୩୩/ ୧୧କେଭି ବିଦ୍ୟୁତ ସବଷ୍ଟେସନ କାର୍ଯ୍ୟ ଚାଲୁ ରହିଥିଲା । ୩ ବର୍ଷ ଧରି କାର୍ଯ୍ୟକ୍ଷମ ନ ହୋଇ ପଡି ରହିଥିବା ବିଦ୍ୟୁତ୍ ସବଷ୍ଟେନ ଆଜି କାର୍ଯ୍ୟକ୍ଷମ ହୋଇଛି । ବରୀ ବିଧାୟିକା ସୁନନ୍ଦା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ନୂତନ ସବଷ୍ଟେସନକୁ ଉଦଘାଟନ କରିଥିଲେ । ବାଲେଶ୍ୱର ଟିପିଏନଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ଭାସ୍କର ସରକାର, ଟିପିଏନଡିଏମଲ ମୁଖ୍ୟ ପରିଚାଳନା ଅଧିକାରୀ ଇଂ. ନିଲେସ ଚନ୍ଦ୍ରକାନ୍ତ ପୋଟଫୋଡ, ଯାଜପୁର ଅଧିକ୍ଷଣ ଯନ୍ତ୍ରୀ ବିଦ୍ୟୁତ ମଣ୍ଡଳ ଇଂ. ଅନନ୍ତ ନାରାୟଣ ବିଶୋୟୀ, କୁଆଖିଆ ଏସଡିଓ ଶିତାଶୁଂ ଶେଖର ଶତପଥୀ, ଇଂ. ଆଲୋକ କୁମାର ଦାସ, ଆଡମିନ ଅଫିସର ସୁମନ ସ୍ୱାଗତିକା ଦାସ, ବ୍ରହ୍ମବରଦା ବିଦ୍ୟୁତ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ସାହୁ, ୩୬ ନଂ ଜୋନ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ସରପଂଚ ମମତା ଶୁଦର୍ଶନୀ ଦେଓ ଓ ସମତିସଭ୍ୟା ରୁକସାନା ପରୱିନ ପ୍ରମୁଖ ଯୋଗ ଦେଇଥିଲେ । ଏହି ସବଷ୍ଟେସନ କାର୍ଯ୍ୟକ୍ଷମ ହେବା ପରେ ୨୬ କି.ମି. ଦୂରତା ବିଦ୍ୟୁତ୍ ଲାଇନ କମିବା ସହ ଲୋ ଭୋଲଟେଜ ସମସ୍ୟାରୁ ୨୦ ଗୋଟି ପଂଚାୟତବାସୀ ଉପକୃତ ହୋଇପାରିବେ । ଏଥି ସହ ଆଉ ଏକ ନୂତନ ଟ୍ରାନ୍ସଫର୍ମର ଯୋଗାଇ ଦିଆଯିବ ବୋଲି ଶକ୍ତି ମନ୍ତ୍ରୀ ସୂଚନା ଦେଇଥିଲେ । ଆରମ୍ଭରେ ଶକ୍ତିମନ୍ତ୍ରୀଙ୍କୁ ବ୍ରହ୍ମବରଦା ସେତୁଠାରୁ ଏକ ବିଶାଳ ଶୋଭାଯାତ୍ରାରେ ସବଷ୍ଟେସନ ପର୍ଯ୍ୟନ୍ତ ସ୍ୱାଗତ କରାଯାଇଥିଲା । ବିଦ୍ୟୁତ୍ ବିଭାଗ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଉମାକାନ୍ତ ନାୟକ, ଜତିନ୍ଦ୍ର କର, ପ୍ରସନ୍ନ ସାହୁ, ରିଷଦ କୁମାର, ଅଭିଜିତ ନାୟକ, ଗୌରାଙ୍ଗ ବାରିକ ଓ ବିଜୟ ବାରିକଙ୍କ ସମେତ ସମସ୍ତ ବିଦ୍ୟୁତ୍ କର୍ମଚାରୀ ସହଯୋଗ କରିଥିଲେ । ପରେ ବ୍ରହ୍ମବରଦା ମହାବିଦ୍ୟାଳୟ ପରିସରରେ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଥିବା ଶ୍ରେଣୀଗୃହ ଓ ବ୍ରହ୍ମବରଦା ଅଂଚଳବାସୀଙ୍କୁ ସଂଶୋଧିତ ଜମି ପଟ୍ଟା ବଂଟନ କରିଥିଲେ । ଦୀର୍ଘ ଦିନ ହେବ ବ୍ରହ୍ମବରଦା ପଂଚାୟତବାସୀଙ୍କ ଜମି ପଟ୍ଟା ଭୁଲ ରହିଥିଲା । ଯାହାକୁ ନେଇ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହୋଇଥିଲେ । ଏହି କ୍ରମରେ ଆଜି ମନ୍ତ୍ରୀ ଶ୍ରୀ ଦେବ ଜନସାଧାରଣଙ୍କୁ ଜମି ପଟ୍ଟା ବଂଟନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ୩୬ ନଂ ଜୋନ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶନୀ ଦେଓ, ସମିତିସଭ୍ୟା ରୁକସାନା ପରୱିନ, ଏଡିଏମ ଦିବ୍ୟଲୋଚନ ମହାନ୍ତି ,ରସୁଲପୁର ତହସିଲଦାର ନିରଞ୍ଜନ ସାହୁ,ଏଏସଓ ମନୋରଞ୍ଜନ ପାଣିଗ୍ରାହୀ, ରସୁଲପୁର ଅତିରିକ୍ତ ତହସିଲଦାର ଶୁଭସ୍ମିତା ନାୟକ ଓ ବରିଷ୍ଠ ନେତା କେଦାର ସାମଲ ପ୍ରମୁଖ ଯୋଗ ଦେଇଥିଲେ । ବ୍ରହ୍ମବରଦା ଅଂଚଳର ୨୪୦୯ଜଣଙ୍କୁ ପର୍ଯ୍ୟାୟ କ୍ରମେ ପଟ୍ଟା ବଂଟନ କରାଯିବ ବୋଲି ଜଣାପଡିଛି ।

# ପିଟାପିଟି ଗାଁ ନିକଟରୁ କୁଟରା ଶାବକ ଉଦ୍ଧାର

ହରିଚନ୍ଦନପୁର, ୦୯/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ରେଞ୍ଜ ଅଧିନସ୍ଥ ଦେଓବନ୍ଧ ବନପାଳଙ୍କ ନେତୃତ୍ୱରେ ପିଟାପିଟି ଗ୍ରାମରୁ ଏକ କୁଟରା ଶାବକଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ସୂଚନା ଅନୁଯାୟୀ ଗାଁ ଲୋକେ ବାରବାଙ୍କ ସଂରକ୍ଷିତ ଜଙ୍ଗଲକୁ ଛେଳି ଚରାଇ ଘରକୁ ଆସୁଥିବା ବେଳେ ଗ୍ରାମ୍ୟ ଜଙ୍ଗଲ (କୁପ) ନିକଟରେ କୁଟରା ଶାବକ ଭୟଭୀତ ହୋଇ ଲୋକଙ୍କ ପାଖକୁ ଆସିଥିଲା । ଛେଳି ଚରାଳିମାନେ ଉକ୍ତ କୁଟରାକୁ ଘରକୁ ଆଣି ଅବସର ପ୍ରାପ୍ତ ବନ୍ୟପ୍ରାଣୀ ବନପାଳ ଦାଶରଥି ବେଜଙ୍କୁ ଖବର ଦେଇଥିଲେ । ଖବର ପାଇ ସଙ୍ଗେ ସଙ୍ଗେ ଦେଓବନ୍ଧ ବନପାଳ ରାମଚନ୍ଦ୍ର ନାଏକଙ୍କୁ ସୂଚନା ଦେଇଥିଲେ । ସୂଚନା ପାଇ ବନପାଳଙ୍କ ନେତୃତ୍ୱରେ ଘଟଣା ସ୍ଥଳରେ ଏକ ଟିମ୍ ପହଂଚି କୁଟରା ଶାବକଟିକୁ ଉଦ୍ଧାର କରିଥିଲେ । ତେବେ ସୂଚନା ଅନୁଯାୟୀ ଉକ୍ତ କୁଟରା ଶାବକଟିକୁ ପ୍ରାୟ ଏକ ସପ୍ତାହରୁ କମ ବୟସ ହୋଇଥିବା ବେଳେ ଖାଦ୍ୟ ଅନ୍ୱେଷଣରେ ମା କୁଟରା ସହିତ ଶାବକ ଆସି କୁକୁର ହାବୁଡ଼ରେ ପଡ଼ି ମା କୁଟରା ଶାବକକୁ ଛାଡ଼ି ପଳେଇଥିବା ଅନୁମାନ କରାଯାଉଛି ।

# 'ମୋ ଘର' ଯୋଜନା ସକାଶେ ପ୍ରଶିକ୍ଷଣ ବୈଠକ

ଝାରସୁଗୁଡା, ୦୯/୦୬ (ନି.ପ୍ର): ଗରିବ ଓ ନିମ୍ନ ମଧ୍ୟବିତ ପରିବାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ''ମୋ ଘର ଯୋଜନା'' ପାଇଁ ଚଳିତ ଜୁନ୍ ମାସ ୧୬ତାରିଖରୁ ଆବେଦନ ଗ୍ରହଣ କରାଯାଉଛି। ଆବେଦନକାରୀମାନେ କିପରି ଯୋଜନା ଦ୍ୱାରା ଉପକୃତ ହୋଇପାରିବେ ସେଥି ସକାଶେ ସମ୍ପୃକ୍ତ ବିଭାଗୀୟ ଅଧକାରୀ ଓ ବ୍ୟାଙ୍କ ଅଧିକାରୀମାନଙ୍କର ପ୍ରଶିକ୍ଷଣ ବୈଠକ ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେଙ୍କ ଅଧକ୍ଷତାରେ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଜଛି। କଚ୍ଚା ଘରେ ବା ଗୋଟିଏ ବଖରା ଛାତ ଘରେ ରହୁଥିବା ପରିବାର, ଗୃହ ନିର୍ମାଣ ଯୋଜନାରେ ସହାୟତା ପାଇନଥିବା ବା ୭୦ହଜାର ଟଙ୍କାରୁ କମ୍ ସହାୟତା ପାଇଥିବା ପରିବାର, ମାସିକ ୨୫ହଜାର ଟଙ୍କାରୁ କମ୍ ଆୟ କରୁଥିବା ପରିବାର, ବ୍ୟକ୍ତିଗତ ବ୍ୟବହାର ପାଇଁ ଚାରି ଚକିଆ ମୋଟର ଗାଡ଼ି ରଖିନଥିବା ପରିବାର , କୌଣସି ସରକାରୀ/ ବେସରକାରୀ ଉଦ୍ୟୋଗରେ ନିୟମିତ କିମ୍ବା ପେନସନଭୋଗୀ କର୍ମଚାରୀନଥିବା ପରିବାର, ପାଂଚ ଏକର ଜଳସେଚିତ କିମ୍ବା ପନ୍ଦର ଏକର ଅଣଜଳସେଚିତ ଜମିରୁ କମ୍ ଜମିଥିବା ପରିବାର ମୋ ଘର ଯୋଜନାରେ ସୁବିଧା ପାଇପାରିବେ। ଆବେଦନକାରୀ ପୋର୍ଟାଲ ମାଧ୍ୟମରେ କିମ୍ବା ମୋ ସେବା କେନ୍ଦ୍ରରେ ଆବେଦନ କରିପାରିବେ। ଏହି ଯୋଜନାରେ ଏକ ଲକ୍ଷ , ଦେଢ଼ ଲକ୍ଷ , ଦୁଇ ଲକ୍ଷ ଓ ତିନି ଲକ୍ଷ ଚାରି ପ୍ରକାରର ଋଣ ନୂତନ ଗୃହର ନିର୍ମାଣ/ ସମ୍ପ୍ରସାରଣ/ ସମ୍ପୂର୍ଣ୍ଣକରଣ/ ଉନ୍ନତିକରଣ ପାଇଁ ଉଦ୍ଦିଷ୍ଟ । ଯୋଜନାରେ ଏସ୍ ସି / ଏସ୍ ଟି/ ଭିନ୍ନକ୍ଷମ ମୁଖ୍ୟ ପରିବାରଙ୍କ ନିମନ୍ତେ ଅତିରିକ୍ତ ସବ୍ସିଡି ବ୍ୟବସ୍ଥା କରାଯାଇଥିବା ବେଳେ ରେଜିଷ୍ଟ୍ରେସନ ଖର୍ଚ୍ଚ , ଷ୍ଟାମ୍ପ ଡ୍ୟୁଟି, ଆଇନ ପରାମର୍ଶ ଫି ଇତ୍ୟାଦି ଛାଡ଼ କରାଯାଇଛି। ଯୋଜନାର ସଫଳ କାର୍ଯ୍ୟକାରିତା ସକାଶେ ବ୍ୟାଂକମାନଙ୍କର ସହଯୋଗ କାମନା କରାଯାଇଛି। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ , ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପ୍ରବୀର କୁମାର ନାୟକ , ଅତିରିକ୍ତ ଜିଲ୍ଲାପାଳ( ରାଜସ୍ୱ) ଲଙ୍କେଶ୍ୱର ଅମାତ , ଉପଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ସବ-ରେଜିଷ୍ଟ୍ରାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତହସିଲଦାର ଓ ବ୍ୟାଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚିଟ୍‌ଫଣ୍ଡ ଜମାକାରୀଙ୍କ ଗଣ ସତ୍ୟାଗ୍ରହ: ତୁରନ୍ତ ପରିପକ୍ୱ ଜମା ଟଙ୍କା ଫେରସ୍ତ ଦାବି

କଟକ , ୦୯/୦୬ (ନି.ପ୍ର): ହଜାର ହଜାର ଚିଟ୍‌ଫଣ୍ଡ ଜମାକାରୀ ଗୁରୁବାର ଦିନ ନ୍ୟାୟ ଦାବିରେ କଟକସ୍ଥିତ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ସତ୍ୟାଗ୍ରହ କରିଛନ୍ତି। ତୁରନ୍ତ ସେମାନଙ୍କର ପରିପକ୍ୱ ଜମା ରାଶିକୁ ଫେରାଇବା ପାଇଁ ଦାବି ରଖିଛନ୍ତି। ଦଶଟି ଜିଲ୍ଲାରେ ଜମାକାରୀଙ୍କ ଠାରୁ ଟଙ୍କା ସଂଗ୍ରହ କରିଥିବା ସାହାରା, ଅର୍ଥତତ୍ତ୍ୱ, ସିସୋର, ମାଇକ୍ରୋ ଫାଇନାନ୍ସ, ଗୋଲଡେନ୍ ଲ୍ୟାଣ୍ଡ, ଗ୍ରିନ୍ ରେ, ରୋଜଭ୍ୟାଲି, ସାରଦା ଭଳି ଶତାଧିକ କମ୍ପାନି ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀଙ୍କୁ ନେଇ ଗଠିତ 'ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତମଞ୍ଚ ଓ 'ସାହାରା ଜମାକାରୀ ମଞ୍ଚ ନେତୃତ୍ୱରେ ହଜାର ହଜାର ଜମାକାରୀ ଏହି ଗଣ ସତ୍ୟାଗ୍ରହରେ ସାମିଲ ହୋଇଛନ୍ତି। ସାହାରା ଗ୍ରୁପ୍ ଅଧୀନରେ ୨ଟି କମ୍ପାନି ଓ ୩ଟି ମଲ୍ଟିଷ୍ଟେଟ୍ ସମବାୟ ସଂସ୍ଥା ମାଧ୍ୟମରେ ସଂଗ୍ରହ ହୋଇଥିବା ଜମା ରାଶିର ପରିପକ୍ୱ ଅବଧି ସରି ଯାଇଥିଲେ ବି ବିଭିନ୍ନ ବାହାନାରେ ଜମାକାରୀଙ୍କୁ ଟଙ୍କା ମିଳୁ ନଥିବା ସେମାନେ ଅଭିଯୋଗ କରିଛନ୍ତି। ଜମାକାରୀ ମିଳିତମଞ୍ଚ ପକ୍ଷରୁ ୨୦୧୨ ମସିହାରୁ ବିଭିନ୍ନ ତହସିଲ୍, ଜିଲ୍ଲା ସଦର ମହକୁମା ଓ ରାଜ୍ୟ ରାଜଧାନୀରେ ଜମା ଟଙ୍କାର ପରିପକ୍ୱ ରାଶି ଦାବି କରିଥିଲେ ବି ସରକାର ଟଙ୍କା ଫେରସ୍ତରେ ପ୍ରତିଶ୍ରୁତି ଦେଇ ମଧ୍ୟ ତାହା ଫେରସ୍ତ କରୁ ନାହାନ୍ତି। ସେହିଭଳି ଗୋଲଡ୍ଡେନ୍ ଲ୍ୟାଣ୍ଡ ସଂସ୍ଥା ବିରୋଧରେ ଓପିଡା ଆଇନ୍ ଅନୁସାରେ ସମ୍ପତ୍ତି ବିକ୍ରୟ କରି ଜମାକାରୀଙ୍କୁ ଟଙ୍କା ଫେରସ୍ତ ନର୍ଦ୍ଦେଶ ଥିଲେ ବି ଇ-ଅକସନ ଓ ଇ-ବିଡିଙ୍ଗ୍ ନାମରେ ସର୍ବ ସାଧାରଣଙ୍କୁ ବିଜ୍ଞାପନ ମାଧ୍ୟମରେ ପ୍ରଚାର ନକରି ଇ-ଅକସନ୍ କରି ବଜାର ଦରର ଏକ ଦଶମାଂଶ ଦାମରେ ଅଭାବି ବିକ୍ରୟ କରାଇ ଜମାକାରୀଙ୍କ ଟଙ୍କା ଫେରସ୍ତ ରାସ୍ତା ସଂକୁଚିତ କରାଯାଉଛି। ସରକାର ଟଙ୍କା ରଖିଥିଲେ ବି ଫେରସ୍ତ ଦେଉ ନାହାନ୍ତି। ମାଇକ୍ରୋ ଫାଇନାନ୍ସର ହଜାର ହଜାର କୋଟି ଟଙ୍କାର ସମ୍ପତ୍ତି ମାଲିକ ନର୍ଦ୍ଦେଶକମାନେ ମାଲିକାନା ହସ୍ତାନ୍ତର କଲେ ବି ପୁଲିସ୍,




ପ୍ରଶାସନ, ଅର୍ଥନେ ?ତିକ ଅପରାଧ ଶାଖା, ପ୍ରବର୍ତ୍ତନ ନର୍ଦ୍ଦେଶାଳୟ କୌଣସି ପଦକ୍ଷେପ ନେଲେ ନାହିଁ। ଏଭଳି ସ୍ଥିତିରେ ତୁରନ୍ତ ସଂପୃକ୍ତ କଂପାନିର ମୁଖ୍ୟ ଓ ଅନ୍ୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସମ୍ପତ୍ତି ଜବତ ସହ ନିଲାମ କରି ଜମାକାରୀଙ୍କୁ ସୁଧ ସହ ଟଙ୍କା ଫେରସ୍ତ, ତହସିଲ ଜରିଆରେ ସମସ୍ତ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ କରି ଜମାଟଙ୍କା ଫେରସ୍ତ ପାଇଁ ଦାବି କରାଯାଇଛି। ଗୁରୁବାର ଦିନ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଜମାକାରୀ ଗଣ ସତ୍ୟାଗ୍ରହରେ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତମଞ୍ଚର ଆବାହକ ଜୟନ୍ତ ଦାସ, ସାଧାରଣ ସମ୍ପାଦକ ମଧୁସୂଦନ ବିଶ୍ୱାଳ, ମଞ୍ଚ ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ଦାସ, ଯୁଗ୍ମ ଆବାହକ ଅନୁରାଧା ସୁବୁଦ୍ଧି, ଉମେଶ ଚନ୍ଦ୍ର ନାୟକ, ସାହାରା ଜମାକାରୀ ମଞ୍ଚର ସଭାପତି ବିଜୟ କୁମାର ପାଢୀ, ଉପସଭାପତି ସୁନୀଲ କୁମାର ଦାଶ, ସମ୍ପାଦକ ସଞ୍ଜୀବ ପଣ୍ଡା, ଜିଲ୍ଲା ସଭାପତି ଅମରେଶ୍ୱର ତ୍ରିପାଠୀ, ଉପ-ସଭାପତି ପ୍ରକାଶ କୁମାର ସିଂହ, ସମ୍ପାଦକ ଶରତ ଚନ୍ଦ୍ର ଶତପଥୀ, ସେ ?ମ୍ୟରଂଜନ ପଣ୍ଡା, ହରିଶ ମହାନ୍ତି, କ୍ଷୀରୋଦ ସାହୁ, ସାବିତ୍ରୀ ନନ୍ଦ, ସୁଶାନ୍ତ ସାହୁ, ଶରତ ଛାଟୋଇ, ଫକିର ଚରଣ ବେହେରା ପ୍ରମୁଖ ବକ୍ତବ୍ୟ ରଖି କ୍ଷତିଗ୍ରସ୍ତ ଜମାକାରୀଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି।

# ଜିଲ୍ଲାରେ ବୁଲିଲା ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ

ମାଲକାନଗିରି, ୦୯/୦୬ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ମାଲକାନଗିରି ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଶିଶୁ ଶ୍ରମିକ ନିରାକରଣ ରଥର ଶୁଭାରମ୍ଭ ହୋଇଛି। ଏହି ରଥକୁ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଭୁଜବଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ସହାୟକ ଜିଲ୍ଲାପାଳ ପ୍ରାଣକୃଷ୍ଣ ନାୟକ, ସହକାରୀ ଶ୍ରମ ଅଧିକାରୀ ବିଶ୍ୱରଂଜନ କହଁର, ଡେପୁଟି ଜିଲ୍ଲାପାଳ ଉମାପ୍ରସାଦ ଦାସ, ଶିଶୁ ମଙ୍ଗଳ କମିଟି ଅଧକ୍ଷା, ଶ୍ରୀମତୀ ସଂଯୁକ୍ତା ପ୍ରଧାନ ଉପସ୍ଥିତ ଥିଲେ। ଆଜି ଏହି ରଥ ମାଲକାନଗିରି ପୌର ପରିଷଦ, ବାଲିମେଳା ବିଜ୍ଞାପିତ ଅଂଚଳ ପରିଷଦ ସହ ପ୍ରତ୍ୟେକ ବ୍ଲକ୍ ଏବଂ ଗ୍ରାମ ପଂଚାୟତ ଅଂଚଳରେ ବୁଲି ଶିଶୁ ଶ୍ରମିକ ନିରାକରଣ ଉପରେ ଲୋକଙ୍କୁ ସଚେତନ କରିବ। ୧୪ ବର୍ଷ ରୁ କମ୍ ଶିଶୁ ମାନଙ୍କୁ କୌଣସି କାମରେ ନିଯୁକ୍ତ ନ କରିବା ସହ ଯଦି ବିପଦସଂକୁଳ ଅବସ୍ଥାରେ ଦେଖିଲେ ତେବେ ଉକ୍ତ ରଥରେ ଥିବା ଶିଶୁ ଶ୍ରମିକ ସହାୟତା ହେଲ୍ପ ଲାଇନ ୧୫୫୩୬୮ ଓ ଚାଇଲ୍ଡ ଲାଇନ ନମ୍ବର ୧୦୯୮କୁ ସୂଚିତ କରିବା ପାଇଁ ସଚେତନ କରାଇବ।

# କନ୍ଧମାଳ ଚାଷୀଙ୍କ ନୂଆ ଆଶା: 'ସ୍ପାଇସ୍ ମିସନ୍' ଜରିଆରେ ଚାଷ ହେବ ଭଳିକି ଭଳି ମସଲା

ଫୁଲବାଣୀ , ୦୯/୦୬ (ନି.ପ୍ର): ହଳଦୀ ଚାଷର ସଫଳତାକୁ ଲକ୍ଷ୍ୟ କରି କନ୍ଧମାଳରେ ନୂତନ କରି ଲାଗୁ ହେବାକୁ ଯାଉଛି 'ସ୍ପାଇସ୍ ମିସନ୍'। ଏହା ମାଧ୍ୟମରେ ଜିଲ୍ଲାର ଚାଷୀ ଭଳିକି ଭଳି ମସଲା ଜାତୀୟ ଫସଲ ଉତ୍ପାଦନ କରିବେ। ଏଥିପାଇଁ ସରକାର କନ୍ଧମାଳକୁ ପାଇଲଟ୍ ଜିଲ୍ଲା ଭାବେ ଚୟନ କରିଛନ୍ତି। ଚଳିତ ୨୦୨୩-୨୪ କୃଷିବର୍ଷରୁ କନ୍ଧମାଳ ଜିଲ୍ଲାରେ 'ସ୍ପାଇସ୍ ମିସନ୍'ଆ ରମ୍ଭ ହେବାକୁ ଯାଉଛି। ଏହି ମିସନ୍ ମାଧ୍ୟମରେ କନ୍ଧମାଳରେ ହଳଦୀ ସମେତ ଅଦା, ଧନିଆ, ଗୋଲମରିଚ, ଲଙ୍କା ଓ ଡାଲଚିନି ଆଦି ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି କନ୍ଧମାଳ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ମିହିର ସାମନ୍ତରାୟ ସୂଚନା ଦେଇଛନ୍ତି। କନ୍ଧମାଳର ଉଚ୍ଚ ପାହାଡ଼ିଆ ଜମିକୁ ଦୃଷ୍ଟିରେ ରଖି ଏଠାରେ ମସଲା ଜାତୀୟ ଫସଲ ଭଲ ଅମଳ ହୋଇପାରିବ ବିଚାର କରି ସରକାର ଏଠାରେ ଏହି ମିସନ୍ ଲାଗୁ କରିବାକୁ ଯାଉଥିବା ଜଣାପଡ଼ିଛି।



ଚଳିତ ୨୦୨୩-୨୪ କୃଷି ବର୍ଷରେ କନ୍ଧମାଳ ଜିଲ୍ଲାରେ ୨୭୦୦ ହେକ୍ଟର୍ ଜମିରେ ହଳଦୀ ଚାଷ କରାଯିବା ସହିତ ୨୩୦ ହେକ୍ଟର୍ ଜମିରେ ଲଙ୍କା, ୧୫୨ ହେକ୍ଟର୍ ଜମିରେ ଧନିଆ, ୧୫୦ ହେକ୍ଟର୍ ଜମିରେ ଗୋଲମରିଚ, ୩୫୦ ହେକ୍ଟର୍ ଜମିରେ ଅଦା ଏବଂ ୫୦ ହେକ୍ଟର୍ ଜମିରେ ଡାଲଚିନି ଚାଷ କରାଯିବାର କୃଷି ଖସଡ଼ା ପ୍ରସ୍ତୁତ କରାଯାଇଛି। ଏହି ମିସନ୍ ଜରିଆରେ ଚାଷୀଙ୍କୁ ରିହାତି ଦରରେ ବିହନ ଓ ସାର ଯୋଗାଇ ଦିଆଯିବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ପରୀକ୍ଷାମୂଳକ ଭାବେ ଲାଗୁ କରାଯାଉଥିବା ସ୍ପାଇସ୍ ମିସନ୍ ସଫଳତା ହାସଲ କଲେ ଜିଲ୍ଲାରେ ମସଲା ଚାଷର ପରିମାଣକୁ ବୃଦ୍ଧି କରାଯିବ ବୋଲି ଶ୍ରୀ ସାମନ୍ତରାୟ କହିଛନ୍ତି। ମସଲା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ଏବଂ ଚାଷୀର ଆୟ ଦୁଇ ଗୁଣ କରିବା ଏହି ମିସନ୍‌ର ଉଦ୍ଦେଶ୍ୟ। ବିଶେଷକରି କନ୍ଧମାଳର ମାଳଭୂମିରେ ଭଲ ମସଲା ଚାଷ ହୋଇ ପାରିବ ବୋଲି ଜଣାପଡ଼ିବା ପରେ କନ୍ଧମାଳକୁ ପାଇଲଟ୍ ଜିଲ୍ଲା ଭାବେ ବଛାଯାଇଛି। ଏହି ମିସନ୍ କାର୍ଯ୍ୟକାରୀ ହେଲେ କନ୍ଧମାଳର ଆଦିବାସୀ ଚାଷୀ ଉପକୃତ ହୋଇପାରିବେ। ଅନ୍ୟପଟେ ପୂର୍ବରୁ ହଳଦୀ ଚାଷରେ କନ୍ଧମାଳର ସୁନାମ ରହିଛି। ବର୍ତ୍ତମାନ ପରିସ୍ଥିତିରେ ରାଜ୍ୟରେ ଅଦାର ଚାହିଦା ମେଣ୍ଟାଇବାକୁ ହେଲେ କନ୍ଧମାଳରେ ଅଦାଚାଷକୁ ଗୁରୁତ୍ୱାରୋପ କରାଯାଉଛି। ସେହିଭଳି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଜରିଆରେ ମଧ୍ୟ ଚାଷୀଙ୍କୁ ଅଦା ବିହନ ଯୋଗାଇ ଦିଆଯାଉଛି।

# ରଥଯାତ୍ରା ପାଳନ ନେଇ ପ୍ରସ୍ତୁତି ବୈଠକ

ଜୟପୁର, ୦୯/୦୬ (ନି.ପ୍ର): ଜୟପୁର ଐତିହାସିକ ରଥଯାତ୍ରା ପାଳନ ନିମନ୍ତେ ଉପ ଜିଲ୍ଲାପାଳ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜୟପୁର ଉପ ଜିଲ୍ଲାପାଳ ବେଦବର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତହସିଲଦାର ସାଗରିକା ଷଡଙ୍ଗୀ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟନାୟକ, ଏସଡିପିଓ ହରିଶ ବିଶି, ବୋରିଗୁମ୍ମା ଏସଡିପିଓ ମଧୁଶିକ୍ତା ମିଶ୍ର, ଟାଉନ ଥାନା ଅଧିକାରୀ ସମ୍ବିତ କୁମାର ବେହେରା, ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ବିଗତ ଦିନରେ ହୋଇଥିବା ବୈଠକର ଅଗ୍ରଗତି ଉପରେ ସମୀକ୍ଷା କରାଯାଇଥିଲା। ରଥର ମାନ ଠିକ ଅଛି ନା ନାହିଁ ପ୍ରଥମେ ଅନୁଧ୍ୟାନ କରି ସହକାରୀ ଯନ୍ତ୍ରୀ, ରାସ୍ତା ଓ କୋଠବାଡ଼ି ପ୍ରମାଣ ପତ୍ର ଦେବା ନିମନ୍ତେ କୁହାଗଲା । ଯଥା ସମୟରେ ଉକ୍ତ ଦିନ ପଲିଥିନ କିମ୍ବା ପାଲରେ ଠାକୁରଙ୍କ ରଥକୁ ଢାଙ୍କିବା ନିମନ୍ତେ, ନୂତନ ସେରନା ପଟା, ନୂତନ ୨ ଗୋଟି ରଶି ଯୋଗାଇ ଦେବା ନିମନ୍ତେ ତହସିଲଦାରଙ୍କୁ କୁହାଗଲା । ଯାନବାହନ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ନିମନ୍ତେ ଟାଉନ ଥାନା ପୁଲିସଙ୍କୁ ଦାୟିତ୍ୱ ଦିଆଗଲା। ଉକ୍ତ ଦିନ ଚାରି ଚକିଆ ଯାନକୁ ଟାଉନ ଭିତରକୁ ନ ଛାଡିବା ନିମନ୍ତେ ଓ ଏହାର ଏକ ବ୍ଲୁ ପ୍ରିଂଟ ତିଆରି କରି ସାମାଜିକ ଗଣମାଧ୍ୟମରେ ଛାଡିବା ନିମନ୍ତେ ଟାଉନ ଥାନା ଅଧିକାରୀଙ୍କୁ ଅନୁରୋଧ କରାଗଲା । ରଥଦାଣ୍ଡକୁ ଯେପରି କୌଣସି ରାଜନୈତିକ ବ୍ୟକ୍ତିବିଶେଷ ଓ ସ୍ୱେଚ୍ଛାସେବକ ଭିଡ ନ କରିବେ ତାକୁ ମଧ୍ୟ ଧ୍ୟାନ ଦେବା ପାଇଁ ଥାନା ପୁଲିସକୁ ଅନୁରୋଧ କରାଗଲା । ଜନ ସମାଗମକୁ ଦୃଷ୍ଟିରେ ରଖି ଏହି ବର୍ଷ ୪ ଗୋଟି ଆସ୍କା ଲାଇଟ, ୨ ଗୋଟି ଜେନେରେଟର, ୬ ଗୋଟି ହାଲୋଜିନ ଲାଇଟ ଓ ରଥଯାତ୍ରା ପୂର୍ବରୁ ୧୦ ଗୋଟି ଫୋକସ ଲାଇଟ ଯୋଗାଇ ଦେବା ପାଇଁ ଏସଡିଓ ବିଦ୍ୟୁତ ବିଭାଗଙ୍କୁ ଅନୁରୋଧ କରାଗଲା । ରଥ ଉପରେ ୨୦ରୁ ୨୫ ଜଣ ଦଇତାପତି ଓ ସ୍ୱେଚ୍ଛା ସେବକ ହିଁ ରହିବେ । ଉକ୍ତ ଦିନ ଆଶୁ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗରକୁ ଅନୁରୋଧ କରାଯାଇଛି । ପାଂଚ ଦିନ ପୂର୍ବରୁ ସମସ୍ତ ମଦ ଦୋକାନ, ସମସ୍ତ ସାହିରେ ଚଢଉ କରିବା ନିମନ୍ତେ ଅବକାରୀ ବିଭାଗ ଓ ପୋଲିସ୍ ବିଭାଗ ଜୟପୁରଙ୍କ ମିଳିତ ଭାବରେ ଚଢଉ କରିବା ନିମନ୍ତେ ଅନୁରୋଧ କରାଗଲା । ଉକ୍ତ ଦିନ ଅଗ୍ନିଶମ ଯାନ ଓ ଟିମ ସମ୍ପୂର୍ଣ୍ଣ ଅଗ୍ନି ନିର୍ବାପକ ଯନ୍ତ୍ର ସହ ରଥ ପଛରେ ରହିବା ନିମନ୍ତେ କୁହାଗଲା । ସେହିପରି ୪ ଗୋଟି ଜାଗାରେ ପାଣି ଟ୍ୟାଙ୍କ ଓ ୪ ଜଣ କର୍ମଚାରୀ ନିୟୋଜିତ କରିବା ନିମନ୍ତେ ସହକାରୀ ଯନ୍ତ୍ରୀ ପି.ଏଚ.ଡି.ଙ୍କୁ ଅନୁରୋଧ କରାଗଲା । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜଗନ୍ନାଥଙ୍କ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କୋରାପୁଟ ସାଂସ୍କୃତିକ ବିଭାଗ ଦ୍ୱାରା ଆୟୋଜନ କରାଯିବ । ଜଗନ୍ନାଥଙ୍କ ଧାରା ବିବରଣୀ ନିମନ୍ତେ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଜୟପୁରଙ୍କୁ ଦାୟିତ୍ୱ ଦିଆଗଲା । ମନ୍ଦିର ଚାରି ପାଖରେ ଯେଉଁ ଗଛ ଓ ଘାସ ଉଠିଛି ତାହାକୁ ସଫା କରିବା ନିମନ୍ତେ ତହସିଲଦାର, ଜୟପୁରଙ୍କୁ ଅନୁରୋଧ କରଗଲା। ଆଜିର ଏହି ବୈଠକରେ ଅନ୍ୟାନ୍ୟ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସହ ବିଭିନ୍ନ ଲାଇନ ଡିପାର୍ଟମେଂଟର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଚିକିତ୍ସାଧିନ ଅବସ୍ଥାରେ ହାତୀର ମୃତ୍ୟୁ

ଢେଙ୍କାନାଳ, ୦୯/୦୬ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଚଂଳରେ ଆଖି ବୁଜିଛି ଚିକିତ୍ସାଧିନ ଥିବା ହାତୀ । ହାତୀଟି ଗତ ୩ରୁ ୪ ଦିନ ହେବ ଗୋଟିଏ ଜାଗାରେ ପଡି ରହିଥିଲା । ବିଶେଷଜ୍ଞ ଟିମ୍ ଘଟଣାସ୍ଥଳରେ ପହଂଚି ହାତୀଟିର ଚିକିତ୍ସା ଜାରୀ ରଖିଥିଲେ । ତେବେ ଆଜି ଚିକିତ୍ସାଧିନ ଅବସ୍ଥାରେ ହାତୀଟିର ମୃତ୍ୟୁ ଘଟିଛି ।

# ରେଳ ଦୁର୍ଘଟଣା ମୃତକଙ୍କ ଆତ୍ମାର ସଦଗତି ଚିନ୍ତା: ୧୧ରୁ ତିନିଦିନିଆ ସାମୂହିକ କାୟାଶୁଦ୍ଧି କର୍ମକାଣ୍ଡ ନିଷ୍ପତ୍ତି

ବାଲେଶ୍ୱର, ୯/୦୬ (ନି.ପ୍ର): ବାହାନଗା ରେଳ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ଅମର ଆତ୍ମାର ସଦଗତି ଓ ଆହାତଙ୍କ ଆଶୁ ଆରୋଗ୍ୟ କାମନା ପୂର୍ବକ ସ୍ଥାନୀୟ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ପାଇଁ ବାହାନଗା-ସୋର ଅଞ୍ଚଳବାସୀ ତଥା ବାଲେଶ୍ୱରର ସାମାଜିକ ସଂଗଠନଙ୍କ ପକ୍ଷରୁ ଆରମ୍ଭ ହୋଇଛି ମିଳିତ ଉଦ୍ୟମ। ଏନେଇ ଆସନ୍ତା ୧୧ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ବିଭିନ୍ନ ବୈଦିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସ୍ଥାନୀୟ ଉଦ୍ୟୋଗ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଏକାଧିକ ଯାତ୍ରୀଙ୍କ ମୃତଶରୀର ଅଦ୍ୟାବଧି ଚିହ୍ନଟ ହୋଇ ନଥିବା ବେଳେ ଏମ୍ସରେ ଏବେ ସୁରକ୍ଷିତ ରହିଛି। ଏମିତିକି ମୃତ ବ୍ୟକ୍ତିଙ୍କ ଚିହ୍ନଟ ପାଇଁ ସେମାନଙ୍କର ଫଟୋକୁ ମଧ୍ୟ ବିଭିନ୍ନ ଡାକ୍ତରଖାନାରେ ରଖାଯାଇଛି। ସେମାନଙ୍କ ପରିବାର ଆସି ମୃତଶରୀର ନେଇ ବିଧି ଅନୁସାରେ ଶୁଦ୍ଧିକ୍ରିୟା କରିବେ ବୋଲି ଆଶା ରଖାଯାଇଛି। ଦୁର୍ଘଟଣାକୁ ୮ ଦିନ ଅତିକ୍ରମ କରିଥିବା ବେଳେ ସଂରକ୍ଷିତ ମୃତଯାତ୍ରୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇନାହିଁ ଶୁଦ୍ଧକ୍ରିୟା ବି ହୋଇନାହିଁ। ମୃତ ଯାତ୍ରୀଙ୍କ ଅମର ଆତ୍ମାର ସଦଗତି ପାଇଁ ଏହିଭଳି ସାମୂହିକ ଶୁଦ୍ଧିକ୍ରିୟା ଭିତ୍ତିକ କର୍ମକାଣ୍ଡ ପାଇଁ ନିଷ୍ପତ୍ତି ନିଆଯାଇଥିବା ଆୟୋଜକ କମିଟି କର୍ମକର୍ତ୍ତା ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ତିନିଦିନିଆ କର୍ମକାଣ୍ଡରେ ଆସନ୍ତା ୧୧ ତାରିଖ ରବିବାର ମୁଣ୍ଡନ ଓ ଦଶାହ କର୍ମ, ୧୨ ତାରିଖ ସକାଳେ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ ଓ ଦିବସବ୍ୟାପୀ ଅଷ୍ଟପ୍ରହରୀ ଅଖଣ୍ଡ ନାମ ସଂକୀର୍ତ୍ତନ, ପୂର୍ବାହ୍ନ ୧୦ଟାରେ ସର୍ବଧର୍ମ ପ୍ରଥାନା ସଭା ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କାର୍ଯ୍ୟକ୍ରମ, ସାମୂହିକ ବେଦପାଠ ଓ ଦୀପଦାନ ଏବଂ ପ୍ରସାଦ ସେବନ ଆଦି ଅନୁଷ୍ଠିତ ହେବ। ସେହିଭଳି ୧୩ ତାରିଖ ମଙ୍ଗଳବାର ସକାଳ ୫ଟାରେ କଳସ ଶୋଭାଯାତ୍ରା, ୬ଟାରେ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ଓ ପୂର୍ବାହ୍ନ ୧୧ଟାରେ ପ୍ରସାଦ ସେବନ ହେବ। ଅପରାହ୍ନ ୩ ଟାରେ ବିଷ୍ଣୁପୁର ରତିମ୍ବରା ଆନ୍ତର୍ଜାତିକ ସଂଘ ପକ୍ଷରୁ ୫୦୦୮ ଦୀପଦାନ ସାଙ୍ଗକୁ ଅମୃତଧାରା ସତସଙ୍ଗ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି କର୍ମକର୍ତ୍ତା ତଥା ବାହାନଗା-ସୋରସୀଙ୍କ ପକ୍ଷରୁ ଆବାହକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ରାଜ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁବ ବ୍ୟବସାୟୀ ଅୟନ ସେନ, ଜିଲା ପରିଷଦ ସଦସ୍ୟ ନୀଳାମ୍ବର ମହାଳିକ, ମଧୁସୂଦନ ଶିଅଳଙ୍କ ସମେତ ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟ, ଯଶୋଦା ନନ୍ଦନ ଆଶ, ବିଚିତ୍ରାନନ୍ଦ ଦାସ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

**ରୋହିତ ପୂଜାରୀ....**

ଯୋଗ ଦେବା ଚୂଡ଼ାନ୍ତ ସରିଥିବାରୁ ସେ ସିଙ୍ଗାପୁରରୁ ଫେରିବାକୁ ଅପେକ୍ଷା କରାଯାଇଥିଲା । ଶ୍ରୀ ପୂଜାରୀ ଓଡ଼ିଶା ଫେରିବା ପରଦିନ ହିଁ ତାଙ୍କର ବ୍ୟକ୍ତିଗତ ସଚିବ ସୁଧାକର ନାଏକଙ୍କୁ ଜୁନ୍ ୭ତାରିଖ ଅପରାହ୍ନରୁ ପ୍ରତ୍ୟାହାର କରିନିଆଯାଇଥିଲା ଓ ଶ୍ରୀ ନାଏକଙ୍କୁ ସାଧାରଣ ପ୍ରଶାସନ ବିଭାଗରେ ରିପୋର୍ଟ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଶ୍ରୀ ପୂଜାରୀ ଗତ ଜୁନ୍ ୩ରୁ ୬ତାରିଖ ପର୍ଯ୍ୟନ୍ତ ସିଙ୍ଗାପୁର ଗସ୍ତରେ ଯାଇ ସେଠାରେ ଥିବା ଓଡ଼ିଆ ସମାଜକୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ଫେରିବାର ୨୪ଘଣ୍ଟା ନପୁରୁଣୁ ତାଙ୍କୁ ମନ୍ତ୍ରୀ ପଦରୁ ବାଦ୍ ଦେବା ପାଇଁ ରାଜଭବନକୁ ସୁପାରିଶ କରାଯାଇ ସାରିଥିଲା । ସମ୍ବଲପୁରରେ ବିଜେଡି ସଂଗଠନ ଭଲ ସ୍ଥିତିରେ ନଥିବା, ୬୦ବର୍ଷରୁ ଅଧିକ ବ୍ୟକ୍ତି ନିର୍ବାଚନ ନଲଢ଼ିବା ପାଇଁ ରୋହିତଙ୍କ ବୟାନ ଦେବା ଏବଂ ବିଶେଷକରି ରୋହିତ ଏବେ ବିଜେପି କ୍ୟାମ୍ପ ସହ ଯୋଗାଯୋଗରେ ଥିବାର ଚର୍ଚ୍ଚା ପରେ ତାଙ୍କୁ ମନ୍ତ୍ରୀ ପଦରୁ ହଟାଇବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ଗତ ମେ’ ୨୨ତାରିଖରେ ନବୀନ ନିଜ ମନ୍ତ୍ରିମଣ୍ଡଳରେ ୩ଜଣ ନୂଆ ମନ୍ତ୍ରୀଙ୍କୁ ସ୍ଥାନ ଦେଇଥିଲେ । ସେତେବେଳେ ୨ଜଣ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଶ୍ରୀକାନ୍ତ ସାହୁଙ୍କୁ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦେଇଥିଲେ ମଧ ରୋହିତଙ୍କ ପଦ ସୁରକ୍ଷିତ ଥିଲା ।

### ୬ ଜିଲ୍ଲାକୁ ହିଟ୍....

ଏହାସହ ଘଂଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ମଧ୍ୟ ବହିପାରେ। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଆସନ୍ତାକାଲି ପାଇଁ  ଝାରସୁଗୁଡା, ସମ୍ବଲପୁର, ବରଗଡ଼, ସୋନପୁର , ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାକୁ ହିଟ୍ ୱେଭ୍ ୱାର୍ଣ୍ଣିଂ ଜାରି ହୋଇଛି। ଅପରପକ୍ଷରେ ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ,ଗଜପତି, ଗଂଜାମ ,ମୟୁରଭଂଜ,କେନ୍ଦୁଝର, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଓ ରାୟଗଡା ଜିଲ୍ଲାକୁ କାଳବୈଶାଖୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

### ୨୫୦ କୋଟି ଟଙ୍କା.....

ଇ-ଚାଲାଣ ବ୍ୟବହାର ନକରି ବେଆଇନ ବାଲି ଉତ୍ତୋଳନ ଏବଂ ଏହାର ବିକ୍ରୟ ପାଇଁ ବିହାରର ଖଣି ବିଭାଗ ପକ୍ଷରୁ ସରକାରୀ ରାଜକୋଷକୁ ୨୫୦ କୋଟି ଟଙ୍କାର ରାଜସ୍ୱ କ୍ଷତି ପହଞ୍ଚାଇବା ଅଭିଯୋଗରେ ବିହାରର ଖଣି ବିଭାଗ ପକ୍ଷରୁ ଏତଲା ରୁଜୁ କରାଯାଇଥିଲା। ଏହି ସର୍ଚ୍ଚ ଅପରେସନ କାଳରେ ନଗଦ ଟଙ୍କା, କ୍ରୟ କରାଯାଇଥିବା ସମ୍ପତ୍ତିର ବିକ୍ରୟ ପତ୍ର, କମ୍ପାନି ଓ ଏହାର ନିର୍ଦ୍ଦେଶକଙ୍କ ନାମରେ ଏଫଡିଆର ଭଳି ଆପତ୍ତିଜନକ କାଗଜପତ୍ର ମିଳିଛି। ଚଢ଼ାଉ ବେଳେ ମିଳିଥିବା ଅନ୍ୟ ଆପତ୍ତିଜନକ ଦଲିଲ୍ ଏବଂ ଡିଜିଟାଲ୍ ସାମଗ୍ରୀକୁ ମଧ ଅଧିକ ପଚରାଉଚରା ପାଇଁ ଜବତ କରାଯାଇଛି ବୋଲି ଇଡି କହିଛି।

### ବେଆଇନ କୋଇଲା....

ଧ୍ୱଂସାବଶେଷ ତଳୁ ୫ ଜଣଙ୍କୁ ବାହାର କରି ହସ୍ପିଟାଲ ନେଇଥିଲେ। ତେବେ ସେଠାରେ ଗୋଟିଏ ଛୋଟ ପିଲା, ଜଣେ ମହିଳା ଓ ଜଣେ ୨୫ ବର୍ଷୀୟ ଯୁବକଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଏବେ ଆଉ ୨ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଜୋରାପୋଖର ପୁଲିସ୍ ? ଷ୍ଟେସନର ଜଣେ ଇନସପେକ୍ଟର କହିଛନ୍ତି, ବେଆଇନ ଭାବେ ଚାଲିଥିବା ଖଣିରେ କିଛି ଅଂଶ ଭୁଶୁଡ଼ି ପଡ଼ିବାରୁ ଅଘଟଣ ଘଟିଛି। ଏଥିରେ ମୃତାହତ ହୋଇଥିବା ଲୋକଙ୍କୁ ହସ୍ପିଟାଲରେ ରଖାଯାଇଛି। କେଉଁ ପରିସ୍ଥିତିରେ ଏଠାରେ ଖନନ ଚାଲିଥିଲା, ତା’ର ତଦନ୍ତ କରାଯାଉଥିବା ସେ କହିଛନ୍ତି।

## ଅଲବରରେ ଦୂଷିତ କୁଲଫି ଖାଇ ୭୦ରୁ ଉର୍ଦ୍ଧ୍ୱ ଅସୁସ୍ଥ

ଅଲବର, ୯/୦୬ (ନି.ପ୍ର): ଅଲବର ଜିଲ୍ଲାର ରାଜଗଡ଼ କସବେ କି ରୈଣୀ ପଂଚାୟତ ସମିତିର ଖୁର୍ଦ ଗ୍ରାମରେ ଦୂଷିତ କୁଲଫି ଖାଇ ୭୦ରୁ ଉର୍ଦ୍ଧ୍ୱ ଅସୁସ୍ଥ ହୋଇଛନ୍ତି । ଅସୁସ୍ଥ ମାନଙ୍କ ମଧ୍ୟରେ ଶିଶୁ ଏବଂ ବୟସ୍କ ମଧ ରହିଛନ୍ତି । ସେମାନଙ୍କୁ ଚିକିତ୍ସା ନିମନ୍ତେ ରାଜଗଡ଼, ରୈଣୀ ଏବଂ ବାନ୍ଦିକୁଇ ମେଡିକାଲରେ ଭର୍ତି କରାଯାଇଛି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗୁରୁବାର ସଂନ୍ଧ୍ୟାରେ ଜଣେ ବ୍ୟକ୍ତି କୁଲଫି ବିକ୍ରୀ କରିବାକୁ ଗ୍ରାମକୁ ଆସିଥିଲା । ଶିଶୁ ଓ ବୟସ୍କ ମାନେ ତା’ ଠାରୁ କୁଲଫି କିଣି ଖାଇଥିଲେ । କୁଲଫି ଖାଇବାର ୨ ଘଂଟା ପରେ ସେମାନଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା, ପେଟ ଦରଜ ଲାଗିଥିଲା । ସେମାନଙ୍କୁ ଚିକିତ୍ସା ନିମନ୍ତେ ତୁରନ୍ତ ରାଜଗଡ଼ ମେଡ଼ିକାଲରେ ଭର୍ତି କରାଯାଇଥିଲା । ତନ୍ମଧ୍ୟରୁ ୧୧ ଜଣ ଶିଶୁଙ୍କୁ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଅବସ୍ଥାରେ ରାଜଗଡ଼ରୁ ଅଲବର ମେଡିକାଲକୁ ରେଫର୍ କରାଯାଇଛି । ଏହା ବ୍ୟତୀତ ରାଜଗଡ଼ ଚିକିତ୍ସାଳୟରେ ୪୪ ଜଣଙ୍କ ଚିକିତ୍ସା ଚାଲିଛି । ସେହିପରି ଅସୁସ୍ଥ ୧୦ ଜଣଙ୍କୁ ବାନ୍ଦିକୁଇ ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ପରେ ତନ୍ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ସାଙ୍ଘାତିକ ହୋଇପଡିବାରୁ ଉଭୟଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜୟପୁର ରେଫର୍ କରାଯାଇଛି । ଅନ୍ୟପକ୍ଷରେ ରୈଣୀ ମେଡ଼ିକାଲରେ ୮ ଜଣ ଚିକିତ୍ସାଧିନ ରହିଛନ୍ତି ।

## ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ପରିବାର ବର୍ଗଙ୍କୁ ସହାୟତା ପ୍ରଦାନ



ବାରିପଦା , ୯/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବହାନଗା ଠାରେ ଗତ ଶୁକ୍ରବାର ସନ୍ଧ୍ୟାରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ମୟୂରଭଞ୍ଜ ଜିଲ୍ଲା ମୋରଡା ନିର୍ବାଚନମଣ୍ଡଳୀ ଅଧିନ ମୋରଡା ବ୍ଲକ ଗଡ଼ିଆ ପଞ୍ଚାୟତ ଫୁଟକିଶୋଳ ଗ୍ରାମର ଚାରିଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ତିନିଜଣଙ୍କ ଶବ ଗ୍ରାମକୁ ପହଞ୍ଚି ସାରିଥିବା ବେଳେ ଆଉ ଜଣେ ଯୁବକଙ୍କ ଶବ ଗାଁକୁ ପହଞ୍ଚିନାହିଁ । ତେବେ ଦାଦନ ଖଟିବା ପାଇଁ କରମଣ୍ଡଳ ଏକ୍ସପ୍ରେସରେ ଚେନ୍ନାଇକୁ ଯାଉଥିଲେ ଏବଂ ଉକ୍ତ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିଲେ । ଉକ୍ତ ଗ୍ରାମର ଭାଗୀରଥି ଦାସ ଙ୍କ ପୁଅ ଭରତ ଦାସ(୩୫),ଅକ୍ଷୟ ସି ଙ୍କ ପୁଅ କୀର୍ତ୍ତନ ସି(୩୨),ଏବଂ ତାରାକାନ୍ତ ପାଟବନ୍ଧା ଙ୍କ ପୁଅ ସତ୍ୟନାଥ ପାଟବନ୍ଧା (୨୮) ଦାଶରଥି ଦାସ ଙ୍କ ପୁଅ ବ୍ରହ୍ମାକାନ୍ତ ଦାସ (୩୩) ସାଙ୍ଗହୋଇ ଉକ୍ତ ଟ୍ରେନ ରେ ଚେନ୍ନାଇ ଯାଉଥିବା ସମୟରେ ଟ୍ରେନ ଦୁର୍ଘଟଣା ରେ ମୃତ୍ୟୁ ଘଟିଥିଲା । ତେବେ ଇତିମଧ୍ୟରେ ଭରତ,କୀର୍ତ୍ତନ ଏବଂ ସତ୍ୟନାଥ ଙ୍କ ଶବ ଚିହ୍ନଟ ହୋଇ ଗ୍ରାମକୁ ପହଞ୍ଚିବା ପରେ ଶେଷ କୃତ୍ୟ ସରିଛି. କେନ୍ଦ୍ର ସରକାରଙ୍କ ରେଳବିଭାଗ ପକ୍ଷରୁ ନଗଦ ୫୦ ହଜାର ଟଙ୍କା ସହିତ ୯ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ମିଳିସାରିଥିବା ବେଳେ, ରାଜ୍ୟ ସରକାରଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ମଧ ପ୍ରଦାନ କରା ଯାଇଛି। ମୋରଡା ବିଧାୟକ ରାଜକିଶୋର ଦାସ ମୃତକଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜ୍ଞାପନ କରିଥିବା ବେଳେ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତିଙ୍କ ଉପସ୍ଥିତିରେ ମୃତକଙ୍କ ପରିବାର ବର୍ଗଙ୍କୁ ପାଞ୍ଚଲକ୍ଷ ଟଙ୍କାର ଚେକ ପ୍ରଦାନ କରିଛନ୍ତି. ଏହି ଅବସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡାକ୍ତର ଦେବାଶିଷ ମାର୍ଣ୍ଡି, ଜିଲ୍ଲାପରିଷଦ ସଭାପତି ଭାରତୀ ହାଁସଦ ।, ମୋରଡା ତହସିଲଦାର ଅନନ୍ତ କୁମାର ହାଁସଦ ।,ମୋରଡା ବ୍ଲକ ଅଧ୍ୟକ୍ଷ ପିଥନାଥ ସରେନ, ଜିଲ୍ଲାପରିଷଦ ସଭ୍ୟା ଝରଣା ମୁର୍ମୁ, ମିନାକ୍ଷୀ ସରେନ, ଜିଲ୍ଲାପରିଷଦ ସଭ୍ୟ ଅଭିରାମ ଭୋଇ ପ୍ରମୁଖ ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ ।

## ମନା ବୈଠକରେ ରେଳ ଦୁର୍ଘଟଣାଗ୍ରସ୍ତ ମୃତଯାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି




ବାଲେଶ୍ୱର, ୯/୦୬ (ନି.ପ୍ର): ‘ମିଳିତ ନିଶା ନିବାରଣ ଅଭିଯାନ’ର ଏକ ବୈଠକ ନେଳିଆବାଗ ସ୍ଥିତ କାର୍ଯ୍ୟାଳୟରେ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ ବାହାନଗା ରେଳ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟମାନେ ନିରବ ପ୍ରାର୍ଥନା ସହ ଦିବଂଗତ ଅମର ଆତ୍ମାର ସଦଗତି କାମନା କରିଥିଲେ। ଏଥି ସହିତ ଆହତ ଆହତ ଯାତ୍ରୀଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରାଯାଇଥିଲା। ଏହା ବ୍ୟତୀତ ଦୁର୍ଘଟଣାରେ ମୃତାହତଙ୍କୁ ଉଦ୍ଧାର ଓ ଆହତଙ୍କ ଚିକିତ୍ସା ପାଇଁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ବ୍ୟକ୍ତି ବିଶେଷ ତଥା ସଂଗଠନଙ୍କୁ ଏହି ବୈଠକରେ ଧନବାଦ ଅର୍ପଣ କରାଯାଇଥିଲା । ଏମିତିକି ରାଜ୍ୟ ଓ କେନ୍ଦ୍ର ସରକାରୀ କଳର ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ମଧ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏଥି ସହିତ ବାଲେଶ୍ୱରରେ ଏମସ ସାଟେଲାଇଟ ସେଣ୍ଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ଓ ଫକୀରମୋହନ ମେଡ଼ିକାଲ କଲେଜ ହସପିଟାଲରେ ହୃଦରୋଗ ତଥା ସ୍ନାୟୁରୋଗ ବିଭାଗକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବାକୁ ଏହି ଦାବି କରାଯାଇଥିଲା। ସାଧାରଣ ସଂପାଦିକା ମମତା ମହାପାତ୍ର ଏଥିରେ ଗତ ବୈଠକର ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ସୁବ୍ରତ କର ଓ ଡ. କେଶବ ଚରଣ ପଣ୍ଡା, ଉପ-ସଭାପତି ଡ. କ୍ଷିତୀଶ୍ୱର ଦାଶ, କୁମୁଦ ରଞ୍ଜନ ଗିରି ଓ ଅର୍ଚ୍ଚନା ନନ୍ଦୀ, ନିରଞ୍ଜନ ପରିଡ଼ା, କମଳାକାନ୍ତ ଦାଶ, ଗୀତାଞ୍ଜଳି ସିଂହ, ଯୋଗେଶ ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ, କ୍ରୀଷ୍ଣା ଶାହା, ସନାତନ ଦାସ, ସଂଯୁକ୍ତା ବେହେରା, ଅକ୍ଷୟ ତ୍ରିପାଠୀ ଓ ବସନ୍ତ ପ୍ରଧାନ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସରସ୍ୱତୀ ପଣ୍ଡା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଶକୁ ସ୍ୱାଧିନ କରିବାରେ ଆଦିବାସୀମାନଙ୍କର ଭୂମିକା ସମ୍ପର୍କିତ ଅନେକ କିଛି କଥା ଇତିହାସ ପୃଷ୍ଠା ମଣ୍ଡନ କରିନାହିଁ : ଅନନ୍ତ ନାୟକ

ଉଦଳା, ୯/୦୬ (ନି.ପ୍ର): କେଉଁଝରର ପୁର୍ବତନ ଲୋକସଭା ସଦସ୍ୟ ତଥା ବର୍ତମାନ ଭାରତ ସରକାରଙ୍କର ଆଦିବାସୀ କମିଶନ ସଦସ୍ୟ ଅନନ୍ତ ନାୟକ ଉଦଳା ଗସ୍ତରେ ଆସି ଚଳିତ ଜୁନ ୮ ତାରିଖ ଗୁରୁବାର ଦିନ ସ୍ଥାନୀୟ ସିପ୍ରନ ହୋଟେଲ ବୈଠକଗୃହ ପରିସରରେ ଏକ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ଦେଶକୁ ସ୍ୱାଧିନ କରିବାରେ ଆଦିବାସୀ ମାନଙ୍କର ଭୂମିକା ସମ୍ପର୍କିତ ଅନେକ କିଛି କଥା ଇତିହାସ ପୃଷ୍ଠା ମଣ୍ଡନ କରିନାହିଁ ବୋଲି ବ୍ୟକ୍ତ କରିଥିଲେ। ଇଂରେଜ ସରକାରଙ୍କ ଶାସନକାଳରେ ଦେଖାଯାଇଥିବା ଆଦିବାସୀ ଆନ୍ଦୋଳନକୁ ଦମନ କରିବା ପାଇଁ ସରକାର କିପ୍ରକାର ରଣନୀତି ପ୍ରୟୋଗ କରୁଥିଲେ ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହି ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ବରିଷ୍ଠ ନାଗରିକ କମଳଧଳ, ଉଦଳା ବ୍ଲକର ପୁର୍ବତନ ଅଧ୍ୟକ୍ଷ ଶରତ ଚନ୍ଦ୍ର ଦାସ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ପୁର୍ବତନ କାଉନସିଲର ନିହାର ରଂଜନ ମୋଦି ଓ ମମତା ସାହୁ, ବିଧାୟକ ଭାସ୍କର ମଢ଼େଇ, ବାଥୁଡ଼ି ସଂାସ୍କୃତିକ ସମାଜର ସଭାପତି ଶତୃଘନ ବିଶ୍ୱାଳ, ପୁର୍ବତନ ସଭାପତି ବିଜୟ ସେନାପତି, ଆଦିବାସୀ ମୁକାମ ସଂପାଦକ ତଥା ସମିତି ସଦସ୍ୟ ରୁପାଏ ବାସ୍କେ, ରାମଚନ୍ଦ୍ର ସିଂ, ସରପଂଚ ଠୁମ୍ପୁ ମୁର୍ମୁ, ପୁର୍ବତନ ଜିଲ୍ଲାପରିଷଦ ସଦସ୍ୟ ଲକ୍ଷ୍ମୀଧର ମୁର୍ମୁ ଇତ୍ୟାଦି ୫୦ରୁ ଉର୍ଦ୍ଧ ବ୍ୟକ୍ତି ବିଶେଷ ଅଂଶ ଗ୍ରହଣ କରିଥିଲେ। ଆଲୋଚନା ମାଧମରେ ଅନନ୍ତ ନାୟକ ପେସା ଆଇନ ଓ ଫରେଷ୍ଟ ରାଇଟ୍ସ ଆକ୍ଟ ସମ୍ପର୍କରେ ଅବଗତ କରାଇବା ସହ ଆଦିବାସୀ କମିଶନଙ୍କ ନିକଟକୁ କିପରି ଆବେଦନ କରିବାକୁ ହୁଏ ଓ କମିଶନ ଏହା ଉପରେ କିପ୍ରକାର ପଦକ୍ଷେପ ନିଅନ୍ତି ସେ ସମ୍ପର୍କରେ ତନ୍ନ ତନ୍ନ କରି ବୁଝାଇଥିଲେ । ଶେଷରେ ଆଲୋଚନାରେ ଅଂଶଗ୍ରହଣ କରିଥିବା ବ୍ୟକ୍ତି ବିଶେଷଙ୍କର ବିଭିନ୍ନ ପ୍ରଶ୍ନର ଉତର ଶ୍ରୀଯୁକ୍ତ ନାୟକ ଦେବା ସହ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା। ନିହାର ମୋଦି ପ୍ରାରମ୍ଭରେ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିଆପାଳ ବ୍ଲକରେ ମୋ ଘର ଯୋଜନା କାର୍ଯ୍ୟକାରିତା ନେଇ ସଂଯୁକ୍ତ ବୈଠକ ଅନୁଷ୍ଠିତ



ଲଙ୍ଗଳେଶ୍ୱର, ୯/୦୬ (ନି.ପ୍ର): ବାଲିଆପାଳ ବ୍ଲକ ସଭାଗୃହ ପରିସରରେ ରାଜ୍ୟ ସରକାରଙ୍କ ମୋ ଘର ଯୋଜନାକୁ ଲୋକାଭିମୁଖୀ କରି କିପରି ଲୋକଙ୍କ ପାଖରେ ପହଞ୍ଚାଯାଇ ପାରିବ ସେ ବିଷୟରେ ସଂଯୁକ୍ତ ମିଳିତ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ପରିଚାଳନା ରେ ଅନୁଷ୍ଠିତ ବୈଠକରେ ବାଲିଆପାଳ ବ୍ଲକର ସମସ୍ତ ନିର୍ବାଚିତ ସରପଞ୍ଚ,ସମିତି ସଦସ୍ୟ,ସମସ୍ତ ବ୍ୟାଙ୍କ ଶାଖା ପରିଚାଳକ ଏବଂ ବ୍ଲକ କର୍ମଚାରୀଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା।ଏହି ବୈଠକରେ କିପରି ହିତାଧିକାରୀ ମାନେ ବ୍ୟାଙ୍କରୁ ମୋ ଘର ଯୋଜନା ପାଇଁ ସହଜରେ ଋଣ ପାଇ ପାରିବେ ସେ ଦିଗରେ ବ୍ୟାପକ ଆଲୋଚନା କରାଯାଇଥିଲା। ବୈଠକରେ ସହକାରୀ ଯନ୍ତ୍ରୀ ଗିରିଜାଶଙ୍କର ପ୍ରଧାନ ଓ ସମସ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ମାନେ ମଧ ଯୋଗଦେଇ ଥିଲେ।ହିତାଧିକାରୀ କିପରି ବ୍ୟାଙ୍କରୁ ସହଜରେ ଋଣ ନେଇ ପରିଶୋଧ କରି ସବସିଡି ପାଇ ପାରିବେ ସେ ଦିଗରେ ବ୍ୟାପକ ଆଲୋଚନା କରାଯାଇଥିଲା।ଏ ଦିଗରେ ସରପଞ୍ଚ ମାନେ ଅଧିକ ତତ୍ପରତା ଦେଖାଇଲର ହିତାଧିକାରୀ ମାନେ ଅଧିକ ସଂଖ୍ୟାରେ ଲାଭ ଉଠାଇ ପାରିବେ ବୋଲି ବିଡିଓ ଶ୍ରୀ ପଣ୍ଡା କହିଥିଲେ।

## ଲ୍ୟାମ୍ପ କର୍ମଚାରି ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ସ୍ଥଗିତ

ଜୟପୁର, ୯/୦୬ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲା ଲ୍ୟାମ୍ପ କର୍ମଚାରି ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ସ୍ଥଗିତ । ଓଡିଶା ସମବାୟ ସମିତି କର୍ମଚାରି ମହାମଂଚ ଭୁବନେଶ୍ୱର ଙ୍କର କାଯ୍ୟବନ୍ଦ ଆନ୍ଦୋଳନକୁ ସମର୍ଥନ ଜଣାଇ ଅବିଭକ୍ତ କୋରାପୁଟ ଜିଲା ଲ୍ୟାମ୍ପସ କର୍ମଚାରି ସଂଘ ଗତ୧।୬।୨୩ ତାରିଖରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ଯୋଗ ଦାନ କରିଥିଲେ । କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଙ୍କ ପ୍ରଚେଷ୍ଟାରେ ଆଜି ୯ତାରିଖରେ ଅବିଭକ୍ତ କୋରାପୁଟ ଜିଲା ଲ୍ୟାମ୍ପସ କର୍ମଚାରି ସଂଘ ସାଧାରମ ସମ୍ପାଦକ ପ୍ରଦିପ କୁମାର ମିଶ୍ର, କୋଷାଧ୍ୟକ୍ଷ ରିତେଶ ମିଶ୍ର, କାଯ୍ୟକାରି ସମ୍ପାଦକ ଆଯ୍ୟ ଜ୍ୟୋତି ମିଶ୍ର. ରଞ୍ଜିତ ମହାପାତ୍ର, ସ୍ୱଦେଶ ପଟ୍ଟନାୟକ ସମ୍ବୋଦର ପଟ୍ଟନାୟକ ବ୍ୟାଙ୍କ ସଭାପତିଙ୍କ ସହ ଆଲୋଚନା କରି ଚାଷୀଙ୍କ ବୃହତ ସ୍ୱାର୍ଥ କୁ ଦୃଷ୍ଟି ରେ ରଖି ଆଜି ଠାରି କାର୍ଯ୍ୟେ ବନ୍ଦ ଆନ୍ଦୋଳନ ସ୍ଥଗିତ ରଖି କାଯ୍ୟରେ ଯୋଗ ଦାନ କରିବା ପାଇ ନିଷ୍ପତି ନେଇଥିବା ଗଣ ମାଧ୍ୟମରୁ ସୁଚନା ଦେଇଛନ୍ତି ।

## ବସ୍ତାର ପ୍ରକୃତିବନ୍ଧୁ ସୁମନ୍ତ ଜେନାଙ୍କୁ ସମ୍ବର୍ଦ୍ଧନା



ବସ୍ତା।୯ ।୬(ନିପ୍ର )ନିଜର କର୍ମମୟ ଜିବନରେ ସହିତ ବୃକ୍ଷ ରୋପଣ ଜନସେବା ସାଙ୍ଗକୁ ନିଜର ବ୍ୟବସାୟ ସାଂସ୍କୃତିକ କାର୍ଯ୍ୟରେ ନିୟୋଜିତ ରହି ରାଜ୍ୟ ସରକାରଙ୍କ ନିକଟରୁ ୨୦୨୩ ପ୍ରକୃତି ବନ୍ଧୁ ମାନପତ୍ର ପାଇଥିବା ବସ୍ତା ଅଞ୍ଚଳ ପାଇଁ ଗୌରବ ସ୍ଥାନ ଅଧିକାର କରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ସ୍ୱର୍ଗତ ସୁରେନ୍ଦ୍ରନାଥ ଜେନା ମାତା ବାସନ୍ତୀ ଦେବୀଙ୍କ ସୁପୁତ୍ର ଶ୍ରୀଯୁକ୍ତ ସୁମନ୍ତ କୁମାରଜେନା ଙ୍କୁ ଆଜି ବସ୍ତା ବ୍ଲକ ମଥାନୀ ପଞ୍ଚାୟତ କଟିପୋଲ ନିକଟ ବାସନ୍ତି ପ୍ଲାଜା ନିକଟରେ ଏକସମ୍ବର୍ଦ୍ଧନାସଭା ଅନୁଷ୍ଠତହୋଇ ପ୍ରକୃତିବନ୍ଧୁଙ୍କୁ ଫୁଲତୋଡା ଉତ୍ତରିୟ ଦେଇ ସମ୍ବର୍ଦ୍ଧନା କରିଥିଲେ । ଏହି ଉତ୍ସବରେ ବସ୍ତାର ବରିଷ୍ଠ ସାମ୍ବାଦିକ ବିଜୟକୁମାରଭୂୟାଁ ସଭାତତିତ୍ୱରେ ମୁଖ୍ଯ ଅତିଥି ପିଙ୍ଗାବଣିଆ ଗୁରୁକୁଳ ଆଶ୍ରମର ସଂଞ୍ଚାଳକ ବିଜୟ ଜୀ, ମୁଖ୍ୟବକ୍ତା ସମୟଚକ୍ରର ସମ୍ପାଦକ ସର୍ବେଶ୍ୱର ଯେନା ସମ୍ମାନିତ ଅତିଥି ସମାଜସେବୀ କୁମୁଦରଞ୍ଜନଗିରି, ଲକ୍ଷ୍ମୀବାସନ୍ତି ମୂକ ବଧିର ଆବାସୀକ ବିଦ୍ୟାଳୟର ଅଧ୍ୟକ୍ଷ ତଥା ସମାଜସେବୀ ଆଡଭୋକେଟ ଅମରକୁମାର ପାଳ, ଯୁବ ସମାଜସେବୀ ଇଂ ସୁଧାଂଶୁ ସେଖର ଯେନା, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ସମାଜସେବୀ ଗୋପାଳ ସାହୁ, ମାନସ ରଞ୍ଜନ ବେହେରା , ଆମ୍ବଗଡିଆ ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମି ମହାପାତ୍ର, ସୁଶାନ୍ତ ପ୍ରଧାନ, ଅନ୍ତର୍ଯ୍ୟାମି ରାଉଳ, ହରିହର ପ୍ରଧାନ, ଉପସ୍ଥିତ ଥିଲେ । ଅର୍ନ୍ତଯ୍ୟାମି ମହାପାତ୍ର ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ।

## ଖୋର୍ଦ୍ଧା ବ୍ଲକରେ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା , ୯/୦୬ (ନି.ପ୍ର): ଖୋର୍ଦ୍ଧା ପଂଚାୟତ ସମିତି କାର୍ଯ୍ୟାଳୟ ପରିସର ରେ ଆଜିର ପ୍ରତ୍ୟେକ୍ଷ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ଆଜି ମୋଟ ୩୦ ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇ ଥିବା ବେଳେ ସେଥିମଧ୍ୟରୁ ୨୩ ଟି ଅବିଯୋଗ ବ୍ୟକ୍ତିଗତ ଥିଲାବେଳେ ୦୩ ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା, ୨ ଟି ଅଭିଯୋଗ ର ସ୍ଥଳ ବିଶେଷ ରେ ତତ୍କାଳ ସମାଧାନ କରାଯାଇଥିଲା ଏବଂ ୧ ଜଣଙ୍କୁ ମୁଖ୍ୟ ମନ୍ତ୍ରୀ ଙ୍କ ସହାୟତା ପାଣ୍ଠି ରୁ ୧୦୦୦୦ଟଙ୍କା ର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଆଜିର ମିଳିତ ଜନ ଶୁଣାଣି ଅବସରରେ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିବାବେଳେ ଆରକ୍ଷୀ ଅଧିକ୍ଷକ, ସିଦ୍ଧାର୍ଥ କାଟାରିଆ, ଅତିରିକ୍ତ ଜିଲ୍ଲାପାଳ, ସାଫଲ୍ୟ ମଣ୍ଡିତ ପ୍ରଧାନ , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଉପ -ଜିଲ୍ଲାପାଳ, ଦୀପ୍ତି ରଞ୍ଜନ ସେଠି, ବି. ଡ଼ି. ଓ, ଖୋର୍ଦ୍ଧା ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱର୍ଗତଃ ପରମାନନ୍ଦ ବାଡିଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

ଲଙ୍ଗଳେଶ୍ୱର, ୯/୦୬ (ନି.ପ୍ର): ବାଲିଆପାଳ ବ୍ଲକ୍ ବେତଗଡ଼ିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ, ନାରାୟଣପୁର ଗ୍ରାମର ସ୍ୱର୍ଗତଃ ପରମାନନ୍ଦ ବାଡିଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି ଅବସରରେ ଅଷ୍ଟ ପ୍ରହରୀ ହରିନାମ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଶ୍ରାଦ୍ଧବାର୍ଷିକୀରେ ବିଜୁ ମହିଳା ଜନତା ଦଳ ରାଜ୍ୟ ସଭାନେତ୍ରୀ ତଥା ରେବତୀ ପତ୍ରିକାର ସଂପାଦିକା ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ସଭିଙ୍କ ସୁଖ ସମୃଦ୍ଧି କାମନା କରି,ସ୍ୱର୍ଗତଃ ପରମାନନ୍ଦ ବାଡିଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବେତଗଡ଼ିଆ ପଞ୍ଚାୟତର ସରପଞ୍ଚ ସୁମିତ୍ରା ଗିରି, ଦରଡ଼ା ସରପଞ୍ଚଙ୍କ ପ୍ରତିନିଧି ପ୍ରଦୀପ ବିଶ୍ୱାଳ, ନୂଆଗାଁ ପଞ୍ଚାୟତ ପୂର୍ବତନ ସରପଞ୍ଚ ମନ୍ମଥ କୁମାର ଗିରି ,ଅଳାଡ଼ିହା ପଞ୍ଚାୟତ ପୂର୍ବତନ ସରପଞ୍ଚ କମଳଲୋଚନ କର, ବେତଗଡିଆ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ କୁମାର ଗିରି,ଯୁବନେତା ସନ୍ତୋଷ ମହାଳିକ,ୱାର୍ଡ ସଦସ୍ୟ ଯଦୁନନ୍ଦନ ଦାସ,ଭଜହରି ନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତଃ ବାଡିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।



## ସିଆର୍‌ସିସିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଜଳେଶ୍ୱର , ୯/୦୬ (ନି.ପ୍ର): ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ପଥରପୁରା ଉପ୍ରା ବିଦ୍ୟାଳୟରେ ସିଆର୍‌ସିସି ରାମଚନ୍ଦ୍ର ଜେନାଙ୍କ ବ୍ଲକ ସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଆର୍‌ସିସି ସୁଶାନ୍ତ ଜେନା ପୌରହିତ୍ୱ କରିଥିଲେ । ପୂର୍ବତନ ବିଇଓ ଭାଗୀରଥି ଗିରି ଓ ବିଇଓ ଲଲାଟେନ୍ଦୁ କେଶରୀ ଜେନା ଯୋଗଦେଇ ଅବସର ଗ୍ରହଣ କରିଥିବା ରାମଚନ୍ଦ୍ର ଜେନାଙ୍କ କୃତିତ୍ୱ, କର୍ତ୍ତବ୍ୟନିଷ୍ଠାନ, ଛାତ୍ରବତ୍ସଳତା, ସାଂଗଠନୀକତା ସଂପର୍କରେ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ଜ୍ୟୋସ୍ନାରାଣୀ ପ୍ରଧାନ, ସିଆର୍‌ସିସି ନିବେଦିତା ନାୟକ, ଶ୍ରୀକାନ୍ତ ଧଳ, ଗଜେନ୍ଦ୍ର ଦଳାଇ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଦାୟୀ ସିଆର୍‌ସିସି ରାମଚନ୍ଦ୍ର ଜେନାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଗଡ଼ିଲା ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ



ଭଦ୍ରକ ତା ୦୯-୦୬-୨୩ । ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ଶ୍ରମ ବିଭାଗ ସଂଯୋଜନାରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି । ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ପତାକା ପ୍ରଦର୍ଶନ ପୂର୍ବକ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଶିଶୁ ଶ୍ରମିକ ନିରାକରଣ ନେଇ ପ୍ରଣୀତ ବିଭିନ୍ନ ଆଇନ୍ ଓ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନ କରାଯିବା ଉଦ୍ଦେଶ୍ୟରେ ରଥରେ ସୁଦୃଶ୍ୟ ବ୍ୟାନର ଜରିଆରେ ପ୍ରଦର୍ଶନ କରାଯିବା ସହ ଡାକବାଜି ଯନ୍ତ୍ର ଦ୍ୱାରା ରଥ ଜରିଆରେ ପ୍ରଚାର ବ୍ୟବସ୍ଥା ମଧ୍ୟ କରାଯାଇଅଛି । ହୋଟେଲ ମାଲିକ, ଠିକାଦାର, ଦୋକାନୀ, କାରଖାନା, ଶିଳ୍ପ, କୌଣସି ଘର ମାଲିକ ଏପରିକି ଯେକୌଣସି ଲୋକ ଯେମିତି ଶିଶୁ ଶ୍ରମିକ ମାନଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ ନ କରନ୍ତି ସେ ବିଷୟରେ ଏହି ରଥ ପରିକ୍ରମା ଜରିଆରେ ବାର୍ତ୍ତା ପ୍ରଦାନ କରାଯାଇଛି । ଶିଶୁ ଶ୍ରମିକ ଉଚ୍ଛେଦ ନୀତିର ଉଲଙ୍ଘନ କଲେ ଦୋଷୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ମଧ୍ୟ ଅବଗତ କରାଯାଇଛି । ୧୪ ବର୍ଷରୁ କମ୍ ପିଲାଙ୍କୁ କାମରେ ଲଗାଇବା, ୧୫ ରୁ ୧୮ ବର୍ଷ କିଶୋର ମାନଙ୍କୁ ବିପଦ ସଙ୍କୁଳ ବୃତ୍ତି କାର୍ଯ୍ୟରେ ନିଯୁକ୍ତ କରିବା ଘଟଣା ଦୃଷ୍ଟି ଗୋଚର ହେଲେ ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲ୍ଲାପାଳଙ୍କୁ ଅବଗତ କରି ପାରିବେ କିମ୍ବା ନିଶୁଳ୍କ ଶ୍ରମିକ ସହାୟତା ହେଲ୍ପ ଲାଇନ୍ ନମ୍ବର ୧୫୫୩୬୮ ଏବଂ ଚାଇଲ୍ଡ଼ ଲାଇନ୍ ନମ୍ବର ୧୦୯୮ ସହିତ ଯୋଗାଯୋଗ କରିବା ପାଇଁ କୁହାଯାଇଛି । ବିଭିନ୍ନ ସମୟରେ ପ୍ରଶାସନ ତରଫରୁ ଧରପଗଡ଼ କରାଯାଇ ମଧ୍ୟ ଶିଶୁ ଶ୍ରମିକ ମାନଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ଥଇଥାନ ବ୍ୟବସ୍ଥା ସହ ପାଠପଢ଼ା ଓ ଅନ୍ୟାନ୍ୟ ଦାୟିତ୍ୱ ସରକାରଙ୍କ ତରଫରୁ ବହନ କରାଯାଉଛି । ଜିଲ୍ଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ ଶ୍ରମ ଅଧିକାରୀ ରତ୍ନାକର ମଲ୍ଲିକ୍ ଏବଂ ପ୍ରେମ ମଞ୍ଜରୀ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଚାଇଲଡ଼୍ ଲାଇନ୍ ଆସିଆନାର ସଂଯୋଜକ ରିଆଜ ଅହମ୍ମଦ, ବାଲ୍ୟ ବିବାହ ନିଷେଧ ଜିଲ୍ଲା ସଂଯୋଜକ ଅସିମ୍ ଅମିତାଭ ଦାସ, କର୍ମଚାରୀ ସୁବ୍ରତ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଶ୍ରଦ୍ଧା ମହିଳା ସଂଗଠନର ପ୍ରତିଷ୍ଠା ଉତ୍ସବ ପାଳିତ



ଲଙ୍ଗଳେଶ୍ୱର ୯/୬(ନିପ୍ର) ସାମ୍ପ୍ରତିକ ସମୟରେ ମହିଳାମାନେ ଆଉ ଅବଳା ହୋଇ ରହି ନାହାଁନ୍ତି ।ସେମାନେ ମଧ୍ୟ ଆତ୍ମ ନିର୍ଭରଶୀଳ ହୋଇ ପାରିବାରିକ ଉନ୍ନତିରେ ଭାଗିଦାରୀ ହୋଇଛନ୍ତି ।ସରକାରଙ୍କ ମିଶନ ଶକ୍ତି ସେମାନଙ୍କ ଆଶା ଭରସା ହୋଇ ଥିବା ବେଳେ ସାମାଜିକ ନ୍ୟାୟ ଓ ସୁରକ୍ଷା ଦୃଢ଼ କରିଛି ।ସେମାନେ ବହୁ କ୍ଷେତ୍ରରେ ପୁରୁଷ ମାନଙ୍କ ସମକକ୍ଷ ବୋଲି ଗୁରୁବାର ସନ୍ଧ୍ୟାରେ ଖଗଡାପାଳ ଠାରେ ' ଶ୍ରଦ୍ଧା 'ମହିଳା ସଂଗଠନର ପ୍ରତିଷ୍ଠା ଉତ୍ସବରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ସଂଗଠନର ସଭାନେତ୍ରୀ ସଞ୍ଜୁବାଳା ଦାସ ଅଧିକାରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ତଥା ରେବତୀ ପତ୍ରିକାର ସମ୍ପାଦିକା ସୁବସିନୀ ଜେନା ମୁଖ୍ୟ ଅତିଥି, ଖ୍ୟାତି ସମ୍ପନ୍ନ ଶିଶୁ ସାହିତ୍ୟିକ କାଳିକିଙ୍କର ଦାଶ ମୁଖ୍ୟ ବକ୍ତା , ବରେଣ୍ୟ ଅତିଥି ଭାବରେ ତହସିଲଦାର ଦୀପକ କୁମାର ଦାଶ ,ବରିଷ୍ଠ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି, ପୂର୍ବତନ ଡ଼ି ଆଇ ସୁବାସ ଚନ୍ଦ୍ର ଚୌଧୁରୀ, ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ସମ୍ପାଦକ ଗୋପାଳ କୃଷ୍ଣ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଉଦବୋଧନ ପ୍ରଦାନ କରିଥିଲେ ।ମଧୁପୁରା ଗ୍ରାମ ପଞ୍ଚାୟତ ମିଶନ ଶକ୍ତି ସଭାନେତ୍ରୀ ସଂଯୁକ୍ତା ପଣ୍ଡା ,ସମ୍ପାଦିକା ବାସନ୍ତୀ ଜେନା ପ୍ରମୁଖ ମଧ୍ୟ ମଞ୍ଚାସୀନ ହୋଇଥିଲେ । ସଂଗଠନର ସମ୍ପାଦିକା ସନ୍ଧ୍ୟା ରାଣୀ ସାହୁ ବିବରଣୀ ପ୍ରଦାନ କରିଥିଲେ । ସଭ୍ୟା ମମତା ନାଥ ମଞ୍ଚ ଆହ୍ୱାନ କରିଥିବା ବେଳେ କାଞ୍ଚନବାଳା ଦାସ ,ମମତା ଦାସ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ।

# ରୂପଶ୍ରୀ ରାଉତ ଯୁକ୍ତଦୁଇ କଳାରେ ଉପଖଣ୍ଡ ଟପ୍ପର: ତୃପ୍ତି ସ୍ୱାଇଁ ନୀଳଗିରି କଲେଜ ଟପ୍ପର



ନୀଳଗିରି , ୮/୦୬ (ନି.ପ୍ର): ଗତ ଶୁକ୍ରବାର ଯୁକ୍ତଦୁଇ କଳାର ଘୋଷଣା ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ନୀଳଗିରି ମହିଳା କଲେଜ ଛାତ୍ରୀ ରୂପଶ୍ରୀ ରାଉତ ୫୧୮ ନମ୍ବର ରଖି ଉପଖଣ୍ଡ ଟପ୍ପର ହୋଇଛନ୍ତି । ନୀଳଗିରି ଏନଏସି ୧୦ନମ୍ବର ୱାର୍ଡ କାହାଳିଆ ଗ୍ରାମର ଜୟନାରାୟଣ ରାଉତଙ୍କ କନ୍ୟା ହୋଇଥିବା ବେଳେ ନୀଳଗିରି ସ୍ଥିତ ଡ଼ିଭାଇନ ଟିଉଟରୀଆଲରେ କୋଚିଂ ନେଇଥିଲେ । ଏହି ପରିପ୍ରେକ୍ଷୀରେ ଟୁଟାରୀଆଲର ନିର୍ଦ୍ଦେଶକ ସୁଶାନ୍ତ କୁମାର ମହାପାତ୍ର ରୂପଶ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଭବିଷ୍ୟତରେ ସେ ସିଭିଲ ସର୍ଭିସ ପାଇଁ ଆଗ୍ରହ ରଖିଛନ୍ତି । ସେହିପରି ନୀଳଗିରି କଲେଜ ଛାତ୍ରୀ ତୃପ୍ତି ସ୍ୱାଇଁ ୪୯୬ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି । ତୃପ୍ତି ମଧ୍ୟ ଡିଭାଇନ ଟୁଟାରିଆଲ କୋଚିଂ ନେଇଥିଲେ । ତାଙ୍କୁ ମଧ ନିର୍ଦ୍ଦେଶକ ଶୁଭେଚ୍ଛା ଦେଇଛନ୍ତି ।

# ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ୫ଦିନିଆ ସ୍ୱାସ୍ଥ୍ୟ କର୍ମଶାଳା




ଜଳେଶ୍ୱର , ୯/୦୬ (ନି.ପ୍ର): ଜଳେଶ୍ୱର ବ୍ଲକର ମାଧବଚନ୍ଦ୍ର ଶିବନାରାୟଣ ହାଇସ୍କୁଲ ପରିସରରେ ଗତ ୫ତାରିଖରୁ ୯ତାରିଖ ଯାଏ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନେଇ ସ୍ୱାସ୍ଥ୍ୟ ଓ ସୁସ୍ଥତା ସଂପର୍କୀତ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଗତ ୫ତାରିଖରେ ଏହାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଂଜନ ଦାସ ଓ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚ୍‌ଓ ଫକୀର ଚରଣ ପ୍ରଧାନ ମିଳିତଭାବେ ଉଦ୍‌ଘାଟନ କରିଥିଲେ । ୫ଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ଡା. ପ୍ରଦୀପ ଦତ୍ତ ଓ ଶିକ୍ଷକ ସଂଜୟ କୁମାର ପାକଳ ପ୍ରଶିକ୍ଷକଭାବେ ଯୋଗ ଦେଇଥିଲେ । ଏଥିରେ ଛାତ୍ରଛାତୀଙ୍କ ମାନସିକ ସୁସ୍ଥତା ଶିକ୍ଷାଗ୍ରହଣରେ ଅଧିକ ଫଳପ୍ରଦ ହୋଇଥାଏ ବୋଇ କୁହାଯାଇଥିଲା । ଶେଷରେ କାର୍ତ୍ତିକଚନ୍ଦ୍ର ମଣ୍ଡଳ ଧନ୍ୟବାଦ ଦେଇଥିଲେ ।

# ଜୟପୁରରୁ ରାଉରକେଲା ନୂତନ ଘୋରେଇ ନାଇଟ ଏକ୍ସପ୍ରେସର ଶୁଭାରମ୍ଭ

ଜୟପୁର, ୯/୦୬ (ନି.ପ୍ର): ଜୟପୁରଠାରୁ ରାଉରକେଲା ନୂତନ ଘରୋଇ ନାଇଟ ଏକ୍ସପ୍ରେସ ଶିବ ଗୌରୀ ନାମକ ୨/୨ ଶୀତ ତାପ ନିୟନ୍ତ୍ରିତ ସ୍ଲିପର ବସ ଆଜି ଜୟପୁରରୁ ଶୁଭାରମ୍ଭ ହୋଇଛି । କୋରାପୁଟ ଜିଲ୍ଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଫିତା କାଟି ବସ ର ଶୁଭାରମ୍ଭ କରିଥିଲେ । ପ୍ରତି ଦିନ ଏଇ ବସ ଜୟପୁର ବସଷ୍ଟାଣ୍ଡ ରୁ ସନ୍ଧ୍ୟା ପାଂଚଟା ପନ୍ଦର ବେଳେ ବାହାରି ନବରଙ୍ଗପୁର ପାପଡ଼ାହାଣ୍ଡି ଭବାନୀପାଟଣା ବଲାଙ୍ଗୀର ବରଗଡ ଝାରସୁଗୁଡ଼ା ସମ୍ବଲପୁର ଦେଇ ତା ପରଦିନ ସକାଳ ୬ ଟା ୩୦ ରେ ରାଉରକେଲାରେ ପହଂଚିବ । ପୁଣି ସେଇଦିନ ରାଉରକେଲାରୁ ସନ୍ଧ୍ୟା ପାଂଚଟାରେ ବାହାରି ତା ଆର ଦିନ ସକାଳ ସାତ ଟାରେ ଜୟପୁର ପହଂଚିବ । ଜୟପୁରରୁ ରାଉରକେଲା ଟିକେଟ ର ମୂଲ୍ୟ ୯୦୦ ଟଙ୍କା ରହିଛି ।

## ମୃତ ରେଳଯାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର, ୯/୦୬ (ନି.ପ୍ର): ବାଲେଶ୍ୱର ବାର ଆସୋସିଏସନ ପକ୍ଷରୁ ବାହାନଗା ରେଳ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ବାର ଆସୋସିଏସନର ସଭାପତି ମନୋଜ କୁମାର ନାୟକ ଓ ସମ୍ପାଦକ ଦୀପକ କୁମାର ଦାଶଙ୍କ ନେତୃତ୍ୱରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱରର ବହୁ ଆଇନଜୀବୀ ଯୋଗଦେଇ କ୍ୟାଣ୍ଡେଲ ଜାଳି ଓ ନିରବ ପ୍ରାର୍ଥନା କରି ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ । ଏଥି ସହିତ ସମସ୍ତେ ଦୁର୍ଘଟଣାରେ ଆହତ ଯାତ୍ରୀଙ୍କ ଆଶୁ ଆରୋଗ୍ୟ କାମନ କରିଥିଲେ ।

# ଗ୍ରାମାଚଂଳ ଶିକ୍ଷାର ପ୍ରାଣକେନ୍ଦ୍ର ପାଲଟିଛି ନୂଆସାହି ମହାବିଦ୍ୟାଳୟ

## କଳାରେ ସୁନୈନା, ଗୋପାଳନରେ ଯସ୍ମିନ ଏବଂ ଏଏରେ ଲକ୍ଷ୍ମଣ ଟୁଡୁ ହେଲେ ବ୍ଲକ ଟପର



ଉଦଳା, ୯/୦୬ (ନି.ପ୍ର): କପ୍ତିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନୂଆସାହି ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ପରିଷଦ ଦ୍ୱାଦଶ ପରୀକ୍ଷାରେ କଳା, ଏବଂ ଧନ୍ଦାମୂଳକ ଶିକ୍ଷାରେ ଅଭୂତ ପୂର୍ବ ସଫଳତା ହାସଲ କରିଛି । କଳାରେ ସମୁଦାୟ ୩୨୫ଜଣ ପରୀକ୍ଷାର୍ଥୀ ପରୀକ୍ଷା ନିମନ୍ତେ ନାମ ପୀକୃତ କରି ୩୨୨ ଜଣ ପରୀକ୍ଷା ଦେଇ ୮୬ ପ୍ରତିଶତ ପାଶ ହାରରେ ୨୭୮ ଜଣ କୃତକାର୍ଯ୍ୟ ହୋଇଛନ୍ତି । ତନ୍ମଧ୍ୟରୁ ୨୨ଜଣ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିବା ବେଳେ ଗୋପାଳନରେ ସମୁଦାୟ ୨୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୬ ପ୍ରତିଶତ ପାଶ ହାରରେ ୧୮ ଜଣ ପ୍ରଥମ ଶ୍ରେଣୀରେ, ୫ ଜଣ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି । ସେହିପରି ଅଡିଟ ଏଣ୍ଡ ଏକାଉଟେଂନ୍ସିରେ ସମୁଦାୟ ୨୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୫ ପ୍ରତିଶତ ପାଶ ହାରରେ କୃତକାର୍ଯ୍ୟ ହୋଇଛନ୍ତି । ତନ୍ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭ଜଣ, ଦ୍ୱିତୀୟ ଶ୍ରେଣୀରେ ୧୧ଜଣ ଏବଂ ତୃତୀୟ ଶ୍ରେଣୀରେ ୨ଜଣ ଉତୀର୍ଣ୍ଣ ହୋଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ବିଦ୍ୟାଳୟର କଳା ବିଭାଗର ଛାତ୍ରୀ ସୁଶ୍ରୀ ସୁନୈନା ପୁଟି ୫୦୯ ନମ୍ବର ରଖି ବିଦ୍ୟାଳୟକୁ ଗୌରବା ଆଣିଥିବା ସମୟରେ ଗୋପାଳନ ବିଭାଗ ଛାତ୍ରୀ ସୁଶ୍ରୀ ଯସ୍ମିନ ନିହାରିକା ଧଳ ୫୧୪ ନମ୍ବର ଏବଂ ଏଏ ରେ ଲକ୍ଷ୍ମଣ ଟୁଡୁ ୪୩୬ ନମ୍ବର ରଖି ବ୍ଲକ ଟପର ହୋଇଛନ୍ତି । ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ଅଧକ୍ଷ ଡକ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ,ପରୀକ୍ଷା ପରିଚାଳକ ଡକ୍ଟର ଶ୍ରୀହରି ପଣ୍ଡା ଏବଂ ଅଧ୍ୟାପକଗଣ ସେମାନଙ୍କ ସଫଳତା ନିମନ୍ତେ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ସଫଳ ହୁଅନ୍ତୁ ବୋଲି ଆଶାପୋଷଣ କରିଛନ୍ତି ।

# ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟରେ ମୌଳିକ ସାକ୍ଷରଣ ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ

ବସ୍ତା , ୯/୦୬ (ନି.ପ୍ର): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜନ ଭାଗିଦାରୀ କାର୍ଯ୍ୟକ୍ରମ ଆଜି ଅମର୍ଦାରୋଡ ସିଦ୍ଧେଶ୍ୱର ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । (ଫାଉଣ୍ଡେସନଲ ଲିଟ୍ରେସାରୀ ଏବଂ ନ୍ୟୁମେରେସାରୀ) ମୌଳିକ ସାକ୍ଷରଣ ସଂଖ୍ୟାଜ୍ଞାନ ସଂପର୍କିତ ଜନ ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ଅଭିଭାବିକା, ବିଦ୍ୟାଳୟର ପରିଚାଳନା ସମିତିର ସଭ୍ୟ/ ସଭ୍ୟା ମାନଙ୍କୁ ନେଇ ଏକ ପ୍ରଭାତଫେରୀ କରାଯାଇଥିଲା ।ଏ ନେଇ ବିଦ୍ୟାଳୟ ପରିସରରେ ଏକ ସଚେତନା ସଭା ଅନୁଷ୍ଠିତ ହୋଇଥିଲା ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେଶ କୁମାର ସେଠୀଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ନଟାକଟା ପଞ୍ଚାୟତର ସରପଞ୍ଚ ବନ୍ଦନା ସେଠୀ,ସମିତି ସଭ୍ୟା ପ୍ରତିନିଧି ଗଣେଶ ଚଣ୍ଡ,ବରିଷ୍ଠ ଶିକ୍ଷକ ପ୍ରସନ୍ନ କୁମାର ଦାସ , ବସନ୍ତପୁର କ୍ଲଷ୍ଟରର ସିଆରସିସି ଉମେଶ ଚନ୍ଦ୍ର ବାଡିଙ୍କୁ ନେଇ ମୌଳିକ ସାକ୍ଷରଣ ଓ ସଂଖ୍ୟାଜ୍ଞାନ ସଂପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ବସନ୍ତପୁର କ୍ଲଷ୍ଟରର ୧୪ଟି ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟତ୍ରୀ ଅଂଶ ଗ୍ରହଣ କରିଥିଲେ ।ଶେଷରେ ସଂସ୍କୃତ ଶିକ୍ଷକ ହୃଷୀକେଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଚିନ୍ମୟ ମିଶନ ପକ୍ଷରୁ 'ବାଲ ବିହାର ଶିବିର'

ବାଲେଶ୍ୱର, ୯/୦୬ (ନି.ପ୍ର): ଚିନ୍ମୟ ମିଶନ ବାଲେଶ୍ୱର ଶାଖା ପକ୍ଷରୁ ବାଲେଶ୍ୱରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଖପରାପଦା ସ୍ଥିତ ଦେବର୍ଷି ଶିକ୍ଷା ନିକେତନରେ ଚାଲିଥିବା 'ବାଲବିହାର ଶିବିର' ଶୁକ୍ରବାର ଉଦଯାପିତ ହୋଇଯାଇଛି । ଏହି କ୍ୟାମ୍ପକୁ ଚିନ୍ମୟ ମିଶନର ଆଚାର୍ଯ୍ୟ ବ୍ରହ୍ମଚାରୀ ଅଗସ୍ତ ଚୈତନ୍ୟ ପରିଚାଳନା କରିଥିଲେ । ଏହି ଦୁଇ ଦିବସୀୟ କାର୍ଯ୍ୟକ୍ରମରେ ଯୋଗ, ଶ୍ରୀମଦ ଭଗବଦ ଗୀତା ଆବୃତ୍ତି, ଉତ୍ତମ ଚରିତ୍ର ଗଠନ ପାଇଁ ନୀତିଶିକ୍ଷା, ଧ୍ୟାନ, ବିଭିନ୍ନ ଖେଳ ପ୍ରଦର୍ଶନ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦିବାକର ମହାପାତ୍ର, ସମ୍ପାଦକ ଚିନ୍ମୟ ମିଶନ, ଚିନ୍ମୟ ଯୁବଶାଖା ସଂଯୋଜକ ସୌମ୍ୟ ରଞ୍ଜନ ମହାନ୍ତି, ଦେବର୍ଷି ଶିକ୍ଷା ନିକେତନ ଅଧକ୍ଷ ଭାଗବତ ଚନ୍ଦ୍ର ପାତ୍ରଙ୍କ ସମେତ ଚିନ୍ମୟୀ ପାତ୍ର, ଜୟେଶ୍ୱର କବି, ନିବେଦିତା ବେହେରା, ଡ. ମାନସ ରଞ୍ଜନ ପାତ୍ର ପ୍ରମୁଖ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରୀ ଓ ଅଭିଭାବକମାନେ ବେଶ ସନ୍ତୋଷ ପ୍ରକାଶ କରିଥିଷଲ । କାର୍ଯ୍ୟକ୍ରମ ଉଦଯାପନୀ ଅବସରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# +୨ କଳାରେ ପ୍ରିନ୍ସ କଲେଜର ଶତ ପ୍ରତିଶତ ସଫଳତା

ବାରିପଦା , ୯/୦୬ (ନି.ପ୍ର): ଚଳିତ ବର୍ଷ +୨ କଳା ପରୀକ୍ଷାରେ ପ୍ରିନ୍ସ କଲେଜ ବାରିପଦା ଏବଂ ବାଲେଶ୍ୱର ଛାତ୍ର ଛାତ୍ରୀ ଶତପ୍ରତିଶତ ସଫଳତା ହାସଲ କରିଥିବା ବେଳେ ମୋଟ ୩୩ ଜଣ ଛାତ୍ର ଛାତ୍ରୀ ଙ୍କ ମଧ୍ୟରୁ ୩୧ ଜଣ ପ୍ରଥମ ଶ୍ରେଣୀ ରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏବଂ ୫ ଜଣ ୫୦୦ ମାର୍କ ରୁ ଉର୍ଦ୍ଧ୍ୱ ମାର୍କ ରଖି କଲେଜକୁ ଅପୂର୍ବ ସଫଳତା ଆଣି ଦେଇଛନ୍ତି । ରାଜଲକ୍ଷ୍ମୀ ଦାସ ୫୧୭ ନମ୍ବର ରଖି ପ୍ରଥମ ସ୍ଥାନ, ସସ୍ମିତା ରାଉତ ୫୧୫ ଦ୍ୱିତୀୟ ସ୍ଥାନ, ଦୀପଶୀଖା ଶତପଥି ୫୧୩ ତୃତୀୟ ସ୍ଥାନ, ସମକ୍ଷ୍ୟା ନାୟକ ୫୧୧ ଚତୁର୍ଥ ସ୍ଥାନ, ଲିପ୍ସିଖା ଦାସ ୫୦୫ ନମ୍ବର ରଖି ପଞ୍ଚମ ସ୍ଥାନ ହାସଲ କରିଛନ୍ତି. ଏହି ସଫଳତା ପାଇଁ ଅଭିଭାବକ ଏବଂ ଛାତ୍ର ଛାତ୍ରୀଙ୍କ ମହଲ ରେ ଖୁସିର ଲହରୀ ଖେଳିଯାଇଥିବା ବେଳେ କଲେଜର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅକ୍ଲାନ୍ତ ପରିଶ୍ରମ ଏବଂ ଉଚ୍ଚମାନର ପାଠ ପଢା ଶୈଳୀକୁ ଭୂୟସୀ ପ୍ରଶଂସା କରିବା ସହ ଛାତ୍ର ଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କରିଅଛନ୍ତି ।




❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo